ଧରିତ୍ରୀ DHARITRI
November 12-18, 2023 ₹ 2/-

# ଛୁଟିଦିନ



# ଗାଁ
## ଦୀପ ପାଇଁ ନାଁ

କେବଳ ଦୀପାବଳିର ମୁଖ୍ୟ ଆକର୍ଷଣ ନୁହେଁ ଯେକୌଣସି ପୂଜାରେ ପ୍ରଥମେ ଖୋଜାପଡ଼େ ଦୀପ । ଦୀପର ଏହି ଆବଶ୍ୟକତା ସୃଷ୍ଟି କରିଛି ଦୀପ କାରିଗରଙ୍କୁ । ଆଉ ଦୀପ କାରିଗରଙ୍କ ପାଇଁ ପ୍ରସିଦ୍ଧିଲାଭ କରିଛି ସେମାନଙ୍କ ଗାଁ । ଦୀପ ପାଇଁ ପରିଚିତି ପାଇଥିବା ଗାଁ ସମ୍ପର୍କରେ ଏଥରର ପ୍ରଚ୍ଛଦ...

୩
ପ୍ରଚ୍ଛଦ ପ୍ରସଙ୍ଗ

# ଦୀପ ଜାଳିବେ କିପରି

ଆଲୋକର ପର୍ବ ଦୀପାବଳି। ଅନ୍ଧକାର ଉପରେ ଆଲୋକର ବା ଅସତ୍ୟ ଉପରେ ସତ୍ୟର ବିଜୟ ପ୍ରତୀକ ଭାବେ ଏହାକୁ ପାଳନ କରାଯାଇଥାଏ। ଏହିଦିନ ଗାଁରୁ ଆରମ୍ଭ କରି ସହର ସବୁଠି ନାନାଦି ରଙ୍ଗବେରଙ୍ଗର ଆଲୋକମାଳାରେ ଘର, ରାସ୍ତାଘାଟ ଆଦିକୁ ସଜାଇ ଦିଆଯାଇଥାଏ। ଦୀପ ବି ଜଳାଯାଏ। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଦୀପାବଳି ଦିନ ଦୀପ କିପରି ଜାଳିଲେ ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...



*ଦୀପାବଳି ଦିନ ଠାକୁର ଘର, ଦାଣ୍ଡ ଦୁଆର ତଥା ତୁଳସୀ ଚଉଁରା ମୂଳେ ଦୀପ ଜାଳିବା ସହ ନିକଟରେ ଯଦି ଅଶ୍ୱତ୍ଥ ଗଛ ଥାଏ, ତା'ହେଲେ ତା' ମୂଳରେ ମଧ୍ୟ ଦୀପଟିଏ ଜାଳି ଦେବେ। କୁହାଯାଏ, ଅଶ୍ୱତ୍ଥ ଗଛରେ କୁଆଡ଼େ ତେତିଶ କୋଟି ଦେବଦେବୀ ବାସ କରିଥାନ୍ତି। ତେଣୁ ଏହି ଗଛ ମୂଳରେ ଦୀପ ଜାଳିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହେବା ସହ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ।

* ଦୀପାବଳି ଦିନ ଘରର ମୁଖ୍ୟଦ୍ୱାରର ଉଭୟ ପାଖେ ଦୁଇଟି ଦୀପ ଜଳାଇବା ଦରକାର। କୁହାଯାଏ, ଏହାଦ୍ୱାରା ମହାଲକ୍ଷ୍ମୀ ଖୁସି ହୋଇଥାନ୍ତି। କାରଣ ଅନ୍ଧାରୁଆ ସ୍ଥାନ ବା ଅନ୍ଧାର ଘର ମାତା ଲକ୍ଷ୍ମୀଙ୍କୁ ଆଦୌ ଭଲ ଲାଗେ ନାହିଁ। ତେଣୁ ତାଙ୍କୁ ସ୍ୱାଗତ କରିବା ପାଇଁ ଏହାଠାରୁ ଭଲ ଆଉ ସରଳ ଉପାୟ ଆଉ କ'ଣ ହୋଇପାରେ।

* ଅନ୍ୟପକ୍ଷେ ଯଦି କୌଣସି ନିକାଞ୍ଚନ ସ୍ଥାନରେ ଶିବଲିଙ୍ଗ ଥିବାର ଖବର ପାଆନ୍ତି; ତା'ହେଲେ ଦୀପାବଳି ଦିନ ସେଠାକୁ ଯାଇ ସଂନ୍ଧ୍ୟା ସମୟରେ ଦୀପଟିଏ ଜାଳି ଦେଲେ ପ୍ରଭୁକୃପା ଲାଭ ହେବା ସହ ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୨-୧୮

**ମେଷ**

ଶ୍ରମଜନିତ କ୍ଲାନ୍ତି, ପାରିବାରିକ ବୁଝାମଣା, ଗୁରୁଜନଙ୍କ ସାନ୍ତ୍ୱନା ମିଳିବ, ଦୁଃସାହସିକ ପଦକ୍ଷେପ ନେଇପାରନ୍ତି, ସମସ୍ୟାକୁ ସୁଧାରି ନେବେ, ଉଚ୍ଚସମ୍ମାନ ପାଇବେ , ଯାତ୍ରା ସଫଳ ହେବ, ପ୍ରଶାସନିକ ତତ୍ପରତା ବୃଦ୍ଧି, ଆଇନ ସହାୟତା ପ୍ରାପ୍ତି ।।

**ବୃଷ**

ଶୁଭ ସୂଚନା ପାଇବେ ,ମୂଲ୍ୟବାନ ଦ୍ରବ୍ୟ କିଣିବେ, ଅପରିଚିତ ଦ୍ୱାରା ସମସ୍ୟା,ସହଯୋଗ ପାଇବେ ନାହିଁ, ଅର୍ଥଲାଭରୁ ଖୁସି ହେବେ, ଅଧ୍ୟାପନାରେ ଉନ୍ନତି ନୂତନ କାର୍ଯ୍ୟାରମ୍ଭ କରିବେ, ମାନସିକ ଚାପ ବଢ଼ିବ,ବିତର୍କର ସମ୍ମୁଖୀନ ହୋଇପାରନ୍ତି ।।

**ମିଥୁନ**

କାର୍ଯ୍ୟବ୍ୟସ୍ତତା ବୃଦ୍ଧି, ସ୍ଥଗିତ କାମରୁ ବିତର୍କ, ଉପରିସ୍ଥଙ୍କ ସହାୟତା ପାଇବେ, ଯାନ୍ତ୍ରିକ ତ୍ରୁଟିରୁ ଯାତ୍ରାହାନୀ, ଦ୍ରବ୍ୟ ନଷ୍ଟ ହୋଇପାରେ, ଆଶଙ୍କାରୁ ମନ ଅସ୍ଥିର ରହିବ, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥ ଲାଭ ହେବ ।।

**କର୍କଟ**

ଅଜୀର୍ଣ୍ଣ ପୀଡ଼ାରୁ ସ୍ୱାସ୍ଥ୍ୟହାନୀ, ମନ ଭାରାକ୍ରାନ୍ତ ରହିବ, ଅତୀତ ଘଟଣାର ସମୀକ୍ଷା, ସହକର୍ମୀଙ୍କ ଅନୁରକ୍ତି, ବେହିସାବୀ ଖର୍ଚ୍ଚରୁ ଅନୁତାପ, ସ୍ତ୍ରୀଙ୍କ ସହ ମତଭେଦ ଘଟିପାରେ, ଦୂରସ୍ଥାନକୁ ଯାତ୍ରା କରିବେ ।।

**ସିଂହ**

କର୍ମକ୍ଷେତ୍ରରେ ସୁଯୋଗ ଲାଭ, ସୌଖୀନ ଦ୍ରବ୍ୟ କ୍ରୟ କରିବେ, ଧନ ହାନୀ ଘଟିପାରେ, ଅଶୌଚ ଖବର ପାଇ ପାରନ୍ତି, ଅନ୍ୟାୟ ବିରୋଧରେ ମୁହଁ ଖୋଲିବେ, ଜିଦ୍ କରି କଷ୍ଟ ଭୋଗିବେ, ଉତ୍ତରଦାୟୀ ହେବେ ।।

**କନ୍ୟା**

ଶାରୀରିକ ସୁସ୍ଥତା, ଆର୍ଥିକ ଉନ୍ନତି, ଗୃହପୋକରଣ କ୍ରୟ କରିବେ, ପରିବାରର ସହମତି, କର୍ମକ୍ଷେତ୍ରରେ ସହଯୋଗ, ଆନୁଷ୍ଠାନିକ କାମରୁ ପ୍ରଶଂସା, ବନ୍ଧୁଙ୍କୁ ଭେଟିପାରନ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଯାତ୍ରାରେ କଳହ, ପକେଟ୍‌ମାର ହୋଇପାରେ ।।

**ତୁଳା**

ସମ୍ପର୍କରେ ଉନ୍ନତି ଘଟିବ, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ, ଭୂ-ସମ୍ପତିରେ ବିବାଦ, ଭ୍ରମଣ ସୁଯୋଗ ଜୁଟିପାରେ, ଅବସାଦଗ୍ରସ୍ତ ହେବେ, ପାରିବାରିକ ତିକ୍ତତା, ଅତିଥି ଚର୍ଚ୍ଚାରେ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, କାର୍ଯ୍ୟରେ ଅବହେଳା ।।

**ବିଛା**

ମାନସିକ ଅସ୍ଥିରତା, ବନ୍ଧୁଙ୍କ ସ୍ୱାର୍ଥପରତା, ଭାଗବଣ୍ଟାରେ ଟଣାଓଟରା, ବିବାଦରେ ଫସିପାରନ୍ତି, କର୍ମକ୍ଷେତ୍ରରେ ସମାଲୋଚନା, ନେତୃତ୍ୱରୁ ପ୍ରଶଂସା, ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବ, କାରବାରରେ ପ୍ରତିକୂଳ ପ୍ରଭାବ, ପ୍ରତିଯୋଗିତାରେ ସଫଳତା ।।

**ଧନୁ**

ବନ୍ଧୁଙ୍କ ସାହାଯ୍ୟ ପ୍ରାପ୍ତି, ଦୈହିକ ଦୁର୍ବଳତା, ଅପ୍ରିୟ ସତ୍ୟଭାଷଣରୁ କଳହ, ବ୍ୟବସାୟରୁ ଲାଭ, ପରୋପକାରରୁ ପ୍ରଶଂସା, ଶତ୍ରୁ ପିଛା କରିପାରନ୍ତି, ସରସତା ରହିବ ନାହିଁ, ଲେଖାପଢ଼ାରୁ ଶୁଭଫଳ,ବାଣିଜ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା, ସମ୍ମାନ ଲାଭ ।।

**ମକର**

ମିତ୍ରତା ସୃଷ୍ଟି କରିପାରନ୍ତି, ମିଥ୍ୟା ଅଭିଯୋଗ ଆସିପାରେ, ମାନସିକ ସ୍ଥିତିରେ ଦୁର୍ବଳତା, ପଦାଧିକାରୀଙ୍କ ଅନୁକମ୍ପା, କାମ ଉତ୍ସାହପ୍ରଦ ହେବ, ମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ, ସମସ୍ୟାର ସରଳ ସମାଧାନ, ଅର୍ଥ ଆବଶ୍ୟକ ହୋଇପାରେ,ଲୋକ ସମ୍ପର୍କ ବଢ଼ିବ ।।

**କୁମ୍ଭ**

ପ୍ରଶଂସନୀୟ କାର୍ଯ୍ୟ କରିବେ, ସହକର୍ମୀଙ୍କ ସହଯୋଗ, ଭୁଲ୍ ବୁଝାମଣା ଦୂରହେବ, ଶାରୀରିକ ପୀଡା ଅନୁଭବ କରିବେ, ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି, ପରିସ୍ଥିତିର ମୁକାବିଲା, ଭ୍ରମଣ ସୁଯୋଗ ପାଇବେ, ଠକାମିରେ ପଡିପାରନ୍ତି ।।

**ମୀନ**

ସାମାଜିକ ସମ୍ମାନ ମିଳିବ, ବନ୍ଧୁବର୍ଗଙ୍କ ପରାମର୍ଶ, ରାଜନୈତିକ ସ୍ତରରେ ନେତୃତ୍ୱ, ସାହିତ୍ୟ ସଂସ୍କୃତିରେ ଅନୁରାଗ, ଚେଷ୍ଟା ସଫଳ ହେବ, ସନ୍ତାନହେତୁକ ମାନସିକ ଦ୍ୱନ୍ଦ, ବିବାଦଗ୍ରସ୍ତ ହୋଇ ପାରନ୍ତି, ସଙ୍ଗଦୋଷରୁ ସମାଲୋଚନା, ଦୁଃସାହସିକ ପଦକ୍ଷେପ ନେବେ, ମିଥ୍ୟାପବାଦ ଲାଗିପାରେ, ସମ୍ପର୍କହାନୀ ଘଟିବ ।।

# ଦୀପାବଳିରେ ହେବ ଧନପ୍ରାପ୍ତି !

ସୁଖ ସମୃଦ୍ଧିର ପ୍ରତୀକ ହେଉଛି ଦୀପାବଳି ପର୍ବ। କୁହାଯାଏ, ଏହି ଦିନ ସୁନା, ରୂପା ଅଳଙ୍କାର କିଣିଲେ କିମ୍ବା କୌଣସି ନୂଆ ଜିନିଷକୁ କିଣି ଘରକୁ ଆଣିଲେ ମହାଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ତେବେ ଜ୍ୟୋତିର୍ବିଦଙ୍କ ମତରେ, ଦୀପାବଳିରେ କେବଳ ଯେ ସୁନାରୂପା କିମ୍ବା ଦାମୀ ଜିନିଷ କିଣିଲେ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ତାହା ନୁହେଁ, ଏମିତି ବି କିଛି ସାଧାରଣ ଜିନିଷ ରହିଛି ଯାହାକୁ ଏହିଦିନ କିଣିଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଯେମିତିକି: ଲୁଣ, ଧନିଆ, ଅରୁଆ ଚାଉଳ। ଏହା ସାମାନ୍ୟ ଲାଗିବେ ବି ଏହାର ସମ୍ବନ୍ଧ ମାତା ଲକ୍ଷ୍ମୀଙ୍କ ସହିତ ରହିଛି। ଦୀପାବଳିରେ ଆପଣ ଯଦି ସୁନାରୂପା କିଣିବାକୁ ଅସମର୍ଥ ତା'ହେଲେ ଏସବୁ ଜିନିଷକୁ ଘରକୁ କିଣି ଆଣିଲେ ବି ମହାଲକ୍ଷ୍ମୀ ଖୁସି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସେହିପରି କିଛି ଖଣ୍ଡ ହଳଦୀକୁ ବି ଏହିଦିନ କିଣିବା ଅତ୍ୟନ୍ତ ଶୁଭ



ହୋଇଥାଏ। ଅନ୍ୟପକ୍ଷେ ଦୀପାବଳିରେ ଗୋମତି ଚକ୍ର କିମ୍ବା ଶ୍ରୀଯନ୍ତ୍ର ଅଥବା କୁବେର ଯନ୍ତ୍ରକୁ କିଣି ଘରକୁ ଆଣିଲେ ବି ଘରର ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ। ସେହିପରି ଦୀପାବଳି ଦିନ କିଛି କଉଡ଼ିକୁ ଆଣି ଠାକୁର ଘରେ ହେଉ ଅବା ସିନ୍ଦୁକରେ ନାଲି କପଡ଼ା ଗୁଡ଼ାଇ ରଖିଲେ ଘରୁ କ୍ରମେ ଅଭାବ ଦୂର ହୋଇଯାଏ ବୋଲି ମାନ୍ୟତା ରହିଛି।

# ପାଠକୀୟ

* ଏଠି ନାଟକ ହୁଏ ବିନା ମଞ୍ଚ, ବିନା ସାଜସଜ୍ଜାରେ। ତଥାପି ଦର୍ଶକଙ୍କୁ ମନୋରଞ୍ଜନ ଦେବା ସହ ଜନ ଜାଗରଣର ଏକ ବଳିଷ୍ଠ ମାଧ୍ୟମ ବି ହୁଏ। ଏହି ପଥପ୍ରାନ୍ତ ନାଟକକୁ ଲୋକପ୍ରିୟ କରିଥିବା କିଛି ନାଟ୍ୟ ଅନୁଷ୍ଠାନ ଓ ନାଟ୍ୟ କଳାକାରଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ପଥପ୍ରାନ୍ତ ନାଟକ' ଏକ ନିଆରା ଆଲେଖ୍ୟ ଥିଲା। 'ଘରେ ଆକ୍ୱାରିୟମ୍ ରଖୁଥିଲେ', 'ପୂଜା କରିବାକୁ ନେଇ ନିୟମ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ମଞ୍ଜୁଲତା ସାହୁ, ବାରିପଦା*

* ନାଟକ କେବଳ ଦର୍ଶକଙ୍କୁ ମନୋରଞ୍ଜନ ଦିଏ ତା ନୁହେଁ, ବରଂ ସମାଜର ନିଛକ ଛବିକୁ ପ୍ରତିଫଳିତ କରିଥାଏ। ଏହା ଜନ ଜାଗରଣର ଏକ ବଳିଷ୍ଠ ମାଧ୍ୟମ ରୂପେ ବି କାର୍ଯ୍ୟକରେ। କିନ୍ତୁ ପଥପ୍ରାନ୍ତ ନାଟକର ପରିଚୟ ଟିକେ ନିଆରା ; ଯାହାକୁ ନେଇ ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ମିରର୍ ୱାର୍କ ଜୁଏଲେରୀ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ପ୍ରକାଶ ଶତପଥୀ, ପେଣ୍ଠକଣ୍ଟା, ପୁରୀ*

* ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଇଚ୍ଛା ଥିଲେ ଆଇଏଏସ୍', 'ସାନ୍ୟା ଓ ମେକ୍‌ଅପ୍ କିଟ୍', 'ଡେଟ୍ ପ୍ରୋବ୍ଲେମ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀଙ୍କ ଋଣ' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ଥିଲା।

*– ବେଣୁଧର ପ୍ରଧାନ, ପିପିଲି*

* ବ୍ୟଙ୍ଗ ଲେଖକ ଡଃ.କୁଳାଙ୍ଗାରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ହୋଇଥିଲା। ଅଜବ ବାଥଟବ୍ ପାଠଟି ମଧ୍ୟ ସତରେ ବେଶ୍ ଅଜବ ଥିଲା ପଢ଼ିବାକୁ। ମଡେଲ୍ ମିରର୍‌ରେ କେବଲ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ବିବିଧା ପୃଷ୍ଠାରୁ 'ଯଦି ହୁଏ ସେହି ସୌରଝଡ଼' ସମ୍ପର୍କରେ ବହୁ ଅଜଣା କଥା ଜାଣି ଆଶ୍ଚର୍ଯ୍ୟ ଲାଗିଲା।

*– ସୁରେଶ ଚନ୍ଦ୍ର ମହାନ୍ତି, ଦିଲ୍ଲୀ*

* ଏଥରର ଚିନ୍ମୟ ଚିନ୍ତନ 'ନାରୀଙ୍କୁ ନେଇ ଆତ୍ମସଂଯମତାର ତିନୋଟି ଚିତ୍ର' ଲେଖାଟି ବେଶ୍ ଶିକ୍ଷଣୀୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଦାମୀ ମହୁ', 'ଏଇ ନୃତ୍ୟ ସବୁଠୁ କଷ୍ଟ', 'ଲେଜି ଫୁଟବଲ୍ ଚେୟାର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଜାଦାର୍ ହେବା ସହିତ ଆଶ୍ଚର୍ଯ୍ୟକର ବି ଥିଲା।

*– ମୌସୁମୀ ପଣ୍ଡା, ପଟିଆ, ଭୁବନେଶ୍ୱର*

* ମୋତେ ଛୁଟିଦିନ ପଢ଼ିବାକୁ ବହୁତ ଭଲ ଲାଗେ। ବିଶେଷକରି ସାଥୀ, ସିନେମା, ହାଃ ହାଃ, ବିବିଧା, ବ୍ୟାକ୍‌ପେଜ୍ ପୃଷ୍ଠା ମୋର ଅତି ପ୍ରିୟ। ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ ବି ବେଶ୍ ନିଆରା ହେଉଥିବାରୁ ତାକୁ ବି ପଢେ। *–ରାନୀ, କଟକ*

## ବିଶେଷ ଚିଠି



ପଥପ୍ରାନ୍ତ ନାଟକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଶିଖାଇଲା ଅନେକ କଥା
ମନରେ ଭରିଲା ଅପୂର୍ବ ଆନନ୍ଦ।
ମିରର୍ ୱାର୍କ ଜୁଏଲେରୀ ସମ୍ପର୍କରେ
ଜାଣିଲି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ,
ସୃଜନ ପୃଷ୍ଠାର ଗପ, କବିତା ପଢ଼ି
ଲେଖକଙ୍କୁ କୃତଜ୍ଞତା ଜଣାଇଲି ହୃଦୟରୁ।
ଛୁଟିଦିନ ସତରେ ତୁମେ ଅସୀମ
ତୁମପରି କେହି ନୁହେଁ ଆଉ ସମ।

*– ମନୋରମା ମିଶ୍ର, ଚନ୍ଦନପୁର, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ଗାଁ ଦୀପ ପାଇଁ ନାଁ

**କେବଳ ଦୀପାବଳିର ମୁଖ୍ୟ ଆକର୍ଷଣ ନୁହେଁ ଯେକୌଣସି ପୂଜାରେ ପ୍ରଥମେ ଖୋଜାପଡ଼େ ଦୀପ । ଦୀପର ଏହି ଆବଶ୍ୟକତା ସୃଷ୍ଟି କରିଛି ଦୀପ କାରିଗରଙ୍କୁ । ଆଉ ଦୀପ କାରିଗରଙ୍କ ପାଇଁ ପ୍ରସିଦ୍ଧିଲାଭ କରିଛି ସେମାନଙ୍କ ଗାଁ । ଦୀପ ପାଇଁ ପରିଚିତି ପାଇଥିବା ଗାଁ ସମ୍ପର୍କରେ ଏଥରର ପ୍ରଚ୍ଛଦ...**

ପ୍ରତ୍ୟେକ ପୂଜାରେ ଖୋଜାପଡ଼େ ଦୀପ । କାରଣ ଧାର୍ମିକ ଦୃଷ୍ଟିକୋଣରୁ ପ୍ରଦୀପ ପ୍ରଜ୍ୱଳନକୁ ଶୁଭ ବୋଲି ଧରାଯାଏ । ସେଥିପାଇଁ ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭରେ ଆଉ ଦେବଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପୂଜା କରାଯାଏ । ଦୀପ ପରିବେଶକୁ ଆଲୋକିତ କରିବା ସହ ବାୟୁମଣ୍ଡଳକୁ ବିଶୁଦ୍ଧ କରିଥାଏ । ଦୀପର ଏହି ଆବଶ୍ୟକତା ଅନେକ ଦୀପ କାରିଗରଙ୍କ ରୋଜଗାରର ମାଧ୍ୟମ ହୋଇଛି । ଓଡ଼ିଶାର କୋଣ ଅନୁକୋଣରେ ଅନେକ ଦୀପ କାରିଗର ଥିବାବେଳେ କିଛି ସ୍ୱତନ୍ତ୍ର ଗାଁ ରହିଛି ଯେଉଁଠି ଅଧିକାଂଶ ଲୋକ ଦୀପ ତିଆରି କରି ଜିବୀକା ନିର୍ବାହ କରୁଛନ୍ତି । ଲୋକ ମୁଖରେ ଏହି ଗାଁ ଦୀପ କାରିଗରଙ୍କ ଗାଁ ଭାବେ ମଧ ବେଶ୍ ଜଣାଶୁଣା ।

**କେନ୍ଦୁଝରର ଦୁଇ ଦୀପ ତିଆରି ଗାଁ:** ଏମିତି ଗାଁ ରହିଛି କେନ୍ଦୁଝର ଜିଲାରେ । ଟେରାକୋଟା ଗ୍ରାମ ବା ଦୀପର ଗାଁ ଭାବରେ ଘଟଗାଁ ବ୍ଲକ ବାଟହରିଚନ୍ଦନପୁର (ବଳଭଦ୍ରପୁର) ବେଶ୍ ଜଣାଶୁଣା । ଏଠାକାର ଟେରାକୋଟା କାରିଗରମାନେ କାଳୀ ପୂଜା ଆସିଲେ ବିଭିନ୍ନ ପ୍ରକାରର ଦୀପ ପ୍ରସ୍ତୁତିରେ ବ୍ୟସ୍ତ ଥାନ୍ତି । ପରିବାରର ସମସ୍ତ ସଦସ୍ୟ ଏହି କାମରେ ଲାଗିପଡ଼ନ୍ତି । ଏଠାରୁ ବାହାର ବ୍ୟବସାୟୀମାନେ ଏହି ଦୀପ କିଣି ନେଇ ବିକ୍ରି କରୁଥିବା ବେଳେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ରଙ୍ଗିନ ଦୀପ କିଣିନେଇଥାନ୍ତି । ବର୍ଷ ତମାମ ଏଠାରେ ଦୀପ ପ୍ରସ୍ତୁତ ହୋଇଥାଏ । କାରଣ ମା' ତାରିଣୀ ପୀଠକୁ ଆସୁଥିବା ଭକ୍ତମାନେ ପୂଜାର୍ଚ୍ଚନା କରିବା ପାଇଁ ମା'ଙ୍କ ପ୍ରିୟ ମାଟିଘୋଡା ସହିତ ଦୀପ କିଣିଥାନ୍ତି । ସେହିପରି ଏଠାରେ ଚୈତ୍ର ଓ ବୈଶାଖ ମାସରେ ଶାଳପୂଜା, ଗ୍ରାମଦେବୀ ପୂଜା, ପାଟୁଆ ଯାତ୍ରା, ଉଡ଼ାପର୍ବ, ଚଇତି ପର୍ବ ଆଦି ଉତ୍ସବରେ ମାଟି ଘୋଡା ଓ ଦୀପ ପୂଜାରେ ଲାଗିଥାଏ । ପୂଜା ପାଇଁ ସାଧାରଣ ଦୀପ ବ୍ୟବହାର ହୋଇଥିବାବେଳେ ରଙ୍ଗବେରଙ୍ଗ ଦୀପ ସାଜସଜ୍ଜା ପାଇଁ ବ୍ୟବହାର ହୋଇଥାଏ । ଏଭଳି ଆକର୍ଷଣୀୟ ରଙ୍ଗବେରଙ୍ଗ ଟେରାକୋଟା ଦୀପର ଚାହିଦା ଅଧିକ । ଏହାକୁ ଲୋକମାନେ ବର୍ଷ ତମାମ ସାଇତି ରଖିଥାନ୍ତି ।

ମାଟିକୁ ଚକଟି ସେଥିରୁ ଚକ ବୁଲାଇ ବା ଛାଞ୍ଚ ବ୍ୟବହାର କରି ଦୀପ ପ୍ରସ୍ତୁତ କରାଯାଇଥାଏ । ଅନେକେ ହାତରେ ମଧ୍ୟ ଦୀପ ତିଆରି କରିଥାନ୍ତି । ଏହାକୁ ଶୁଖାଇ ଭାଟିରେ ପୋଡ଼ାଯାଇଥାଏ । ଏହା ପରେ ଏହାକୁ ବିଭିନ୍ନ ରଙ୍ଗରେ ରଙ୍ଗାଇ ଆକର୍ଷଣୀୟ କରାଯାଇଥାଏ । ଆଜିକାଲି ଗୋଟିକିଆ ଦୀପ ବ୍ୟତୀତ ଦୁଇରୁ ୫/୭ ଦୀପ ଲାଗିଥିବା ଷ୍ଟାଣ୍ଡଦୀପ ଓ ବିଭିନ୍ନ ପ୍ରକାର ଡିଜାଇନ୍‌ର ଦୀପର ଚାହିଦା ବେଶି ବୋଲି କୁହନ୍ତି ଟିକରପଡା ଗ୍ରାମର ଯୁବ କାରିଗର ନିଶିକାନ୍ତ ବେହେରା । ସେହିପରି ହଳଧରପୁର ଗ୍ରାମର ବରିଷ୍ଠ କାରିଗର ସୁଦର୍ଶନ ରଣା କୁହନ୍ତି, 'ଜିଲାର ଘଟଗାଁ ବ୍ଲକ ବାଟହରିଚନ୍ଦନପୁର, ହଳଧରପୁର , ଟିକରପଡା, ପାଟଣା ବ୍ଲକର ମଲ୍ଲିପଶି, ଝୁମ୍ପୁରା ବ୍ଲକ ଟୁକୁଡିହା, ଆନନ୍ଦପୁର ବ୍ଲକ ଫକୀରପୁର, ସଦର ବ୍ଲକର ନେଲୁଙ୍ଗ ଆଦି ଅନେକ ଗ୍ରାମରେ ଶତାଧିକ ପରିବାର ଟେରାକୋଟା କାମ କରି ବଞ୍ଚିଥିବା ବେଳେ ଦୀପାବଳି ସମୟରେ ମାଟିଦୀପ ସାଙ୍ଗକୁ ରଙ୍ଗବେରଙ୍ଗ ଟେରାକୋଟା ଦୀପ ବିକି ଭଲ ରୋଜଗାର କରିପାରୁଛନ୍ତି । ଟେରାକୋଟା ଶିଳ୍ପର ବିକାଶ ପାଇଁ ଏଠାରେ ତାଲିମ ଦିଆଯାଉଛି । ବହୁ କାରିଗର ଏହି କାମ କରୁଛନ୍ତି । କିନ୍ତୁ ବଜାର ଅଭାବରୁ ବିକ୍ରିବଟା ହୋଇ ପାରୁନାହିଁ । କେବଳ ଦୀପାବଳି ସମୟରେ ମାଟି ଦୀପ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି ବୋଲି କୁହନ୍ତି ବାଟହରିଚନ୍ଦନପୁର ଗ୍ରାମର ୩୨ ବର୍ଷ ଧରି ଟେରାକୋଟା କାମ କରିଆସୁଥିବା ପୁରୁଣା କାରିଗର ଅମରେନ୍ଦ୍ର ସାହୁ । ଏହାଛଡ଼ା ଟେରାକୋଟା ଶିଳ୍ପର ବିକାଶ ପାଇଁ ସରକାରଙ୍କ ତରଫରୁ ତାଲିମ ପ୍ରଦାନ ମେଳାର ଆୟୋଜନ କରାଯାଉଛି । ଏହା ସତ୍ତ୍ୱେ ନିୟମିତ ବିକ୍ରିବଟାର ସମସ୍ୟା ଏବଂ ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଅଧିକାଂଶ ଯୁବପିଢିଙ୍କ ଆଗ୍ରହ ଏଥିପ୍ରତି କମିବାରେ ଲାଗିଛି । ତେବେ କଥା ହେଉଛି କେନ୍ଦୁଝର ଜିଲାର ମାଟି ଦୀପର ଚାହିଦା ରହିଥିଲେ ହେଁ ବାହାର ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ରାଜ୍ୟରୁ ଆସୁଥିବା ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗ ଦୀପ ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଏଠାରେ ସ୍ଥାୟୀ ବିକ୍ରିବଟା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏଣୁ ଅନେକ ସମୟରେ କାରିଗରମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀ ସାଇତି ରଖି ବିକ୍ରି କରିପାରୁନାହାନ୍ତି । ଏଣୁ ଘରୁ ବଜାରକୁ ସାମଗ୍ରୀ ଧରି ଯିବା ଆସିବା କରିବାକୁ ପଡୁଥିବାରୁ ଅନେକ ସମୟରେ ସେସବୁ ଭାଙ୍ଗିରୁଜି ଯାଉଛି । ଫଳରେ ସେମାନେ ବହୁତ କ୍ଷତି ସହୁଛନ୍ତି । ସେହିପରି ହଳଧରପୁର ଗ୍ରାମରେ ରହିଛନ୍ତି ଅନେକ ଦୀପ କାରିଗର । ବାଟହରିଚନ୍ଦନପୁର ଓ ହଳଧରପୁର ଏହି ଦୁଇ ଗ୍ରାମରେ ପ୍ରାୟ ଦେଢ ଶହ ପରିବାର ଏହି କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଦୀପାବଳି ସମୟରେ ପ୍ରତ୍ୟେକ ପରିବାର ଦଶ/ବାର ହଜାର ଟଙ୍କା ରୋଜଗାର

→








କରିଥାନ୍ତି । ଏହାଛଡ଼ା ମା’ ତାରିଣୀ ପୀଠ ପାଇଁ ବର୍ଷ ତମାମ ଦୀପ ଗଢି ବିକିଥାନ୍ତି । କାଠ/କୋଇଲା ଦାମ୍ ବୃଦ୍ଧି ଯୋଗୁ ଏହି ସବୁ ଗଢ଼ାରେ ଖର୍ଚ୍ଚ ବଢିଛି ବୋଲି କାରିଗରମାନେ କୁହନ୍ତି । ଦୀପ କାରିଗର ସନ୍ଧ୍ୟାରାଣୀ ସାହୁ କୁହନ୍ତି, ଆଜିକାଲି ସାଦା ମାଟି ଦୀପ ଅପେକ୍ଷା ଡିଜାଇନ ଦୀପର ଚାହିଦା ଅଧିକ ରହିଛି । ଦୁଇରୁ ସାତ ଟିକିଆ ଦୀପ ଏବଂ ଏକରୁ ସାତମୁଖୀ ଦୀପର ଚାହିଦା ବେଶି। ବିଭିନ୍ନ ପୂଜାରେ ଏହି ସବୁ ଦୀପ ଲାଗିଥାଏ । ଏହି ଦୀପକୁ ବିଭିନ୍ନ ରଙ୍ଗରେ ରଙ୍ଗାଇ ଆକର୍ଷଣୀୟ କରାଯାଏ ।


**ସାକ୍ଷୀ ଗୋପାଳର ଦୀପ ପ୍ରସ୍ତୁତି ଗାଁ:** ପୁରୀଜିଲା ସାକ୍ଷୀଗୋପାଳ ଅଞ୍ଚଳର ଜୟପୁର, ଦୁଗଲ, ପଞ୍ଚୁକେରା, ପୋଡଙ୍ଗସାହି, ମହାଲପଡା, ମାର୍କଣ୍ଡପଡା, ଆନନ୍ଦପୁର, କେତକୀପାଟଣା, ବଡସନ୍ତ, ରାୟଚକ୍ରଧରପୁର, ଭୀମଦାସପୁର, ଗୁଆଲିଗୋରଡା, ଦାଶବିଦ୍ୟାଧରପୁର, ଗୁଆଳିପାରି, ବସନ୍ତମାଳ, ହାଟପଡା, ପାରକେଣା, ଗଣତିପଡା ଆଦି ଗ୍ରାମରେ ପ୍ରାୟ ୩ ଶହ ପରିବାର ୪ ହଜାର ଲୋକଙ୍କର କୌଳିକବୃତ୍ତି ମୃତ୍ତିକା ଶିଳ୍ପ। ଯେଉଁମାନେ କି ଦୀପ କାରିଗର ମଧ୍ୟ। ପୁରୀ ଜିଲାରେ ବିଭିନ୍ନ ମନ୍ଦିର ରହିଥିବାରୁ ଦୀପର ଆବଶ୍ୟକତା ମଧ୍ୟ ଏଠାରେ ଅଧିକ। ବର୍ଷର ବିଭିନ୍ନ ସମୟରେ ଆଖପାଖ ମନ୍ଦିରଗୁଡିକରେ ବିକ୍ରି କରଯାଏ। ଯେଉଁଥିପାଇଁ ଏଠାକାର ଦୀପ କାରିଗରମାନେ ବର୍ଷତମାମ ରୋଜଗାର କରିଥାନ୍ତି। ବିଶେଷକରି ଦୀପାବଳି, ଶିବରାତ୍ରି, ରଥଯାତ୍ରା ଓ ଅଁଳାନବମୀ ସମୟରେ କାରିଗରମାନେ ବେଶ୍ ଲାଭବାନ ହୋଇଥାନ୍ତି। କଥାରେ ଅଛି କୁମ୍ଭାର ଘର ବୋହୂ ଝାଟିକୁ ଯାଉ ନ ହେଲେ ମାଟିକୁ ଯାଉ। ଝାଟି ଅର୍ଥ ଭାଟିରେ ମାଟି ପାତ୍ର ପୋଡିବାପାଇଁ ଜାଳ ସଂଗ୍ରହ କରିବା କାମଠାରୁ ଗଢିବା ପାଇଁ ମାଟି ସଂଗ୍ରହ କାମରେ ସେମାନେ ଲାଗୁଥିଲେ। କିନ୍ତୁ ଏବେ ସମୟ ବଦଳି ଯାଇଛି । ମାଟି, ବାଲି ଓ ଜାଳ କିଣିବାକୁ ପଡୁଛି। ଯେଉଁଥିପାଇଁ ସେମାନଙ୍କ ଲାଭ ବି କମିଯାଉଛି। ଜୟପୁର ମୁଦୁଲି ସାହିର ସୁରମା ମୁଦୁଲି କହନ୍ତି, ‘ଛୋଟ ଦୀପ ଶହେଟିକୁ ୩୦ରୁ ୪୦ ଟଙ୍କା ଓ ବଡଦୀପ ୧୦୦ରୁ ୩ ଶହ ଟଙ୍କାରେ ବିକ୍ରି କରାଯାଉଛି । ଆମ ପରିବାରର ସମସ୍ତେ ମିଶି ୧୦ ହଜାର ଦୀପ ତିଆରି କରିଛୁ।’ ସେହିପରି ଜିତା ମୁଦୁଲି କୁହନ୍ତି, ‘ଘରର ଦୈନନ୍ଦିନ କାମପରେ ଚଳିତ ବର୍ଷ ଦୀପ ବିକ୍ରି କରି ୧୦ ହଜାର ରୋଜଗାର କରିଛୁ।’ ସାଧାରଣତଃ ମହିଳା ଓ ପିଲାମାନେ ଦୀପ ଗଢିବା, ଶୁଖାଇବା କାମ କରୁଥିବାବେଳେ ପୁରୁଷମାନେ ଶାଳରେ ପୋଡକାମ କରିଥାନ୍ତି। ଆଶାନୁରୂପ ରୋଜଗାର ନ ହେଉଥିଲେ ବି ପାରିଶ୍ରମିକ ମିଳିଯାଉଛି ପୁଣି କୌଳିକ ବୃତ୍ତିକୁ ବି ବଞ୍ଚାଇବାକୁ ପଡୁଛି ବୋଲି କୁହନ୍ତି ୨୦ ବର୍ଷ ହେଲା ଏହିକାମ କରୁଥିବା ରଙ୍ଗ ଦେଈ। ନୂଆ ଡିଜାଇନରେ ତାଲିମ ପ୍ରଦାନ, କଞ୍ଚାମାଲ ଯୋଗାଣ ଓ ବଜାର ସୁବିଧା କ୍ଷେତ୍ରରେ ସରକାରୀ ସହାୟତା ଯୋଗାଇ ଦିଆଗଲେ କୌଳିକବୃତ୍ତି ବଞ୍ଚିରହିବା ସହ ଉପଯୁକ୍ତ ପ୍ରାପ୍ୟ ମିଳିଲେ କୁମ୍ଭକାରମାନେ ଉପାର୍ଜନକ୍ଷମ ହୋଇପାରିବେ ବୋଲି କହିଛନ୍ତି ଏଠାକାର ଦୀପ କାରିଗରମାନେ।

**ଦୀପ ତିଆରି ଗାଁ ଅହିଅରା:** ଖୋର୍ଦ୍ଧା ଜିଲା, ଟାଙ୍ଗୀବ୍ଲକ ଅନ୍ତର୍ଗତ ବଡ଼ପାରି ଗ୍ରାମପଞ୍ଚାୟତର ଅହିଅରା ଗାଁ। ଏହି ଗାଁଟି ୧୬ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ଏଠାର ସମସ୍ତ ବାସିନ୍ଦା କୁମ୍ଭକାର ସମ୍ପ୍ରଦାୟର। ଗାଁ ଭିତରକୁ ପ୍ରବେଶ କରିବା ମାତ୍ରେ ପ୍ରଥମେ ଦେଖିବାକୁ ପାଇବେ ଚାଳଛପର ଘେରା କେତୋଟି କୁମ୍ଭାରଶାଳ ବା ଭାଟି। ମାଟି ମାଠିଆଠାରୁ ଆରମ୍ଭକରି ମାଟିହାଣ୍ଡି, ଆଟିକା ତିଆରି କରିଥାନ୍ତି କୁମ୍ଭାର କାରିଗରମାନେ। ତେବେ ଦୀପାବଳିର ୧ମାସ ପୂର୍ବରୁ ଏହି ଗାଁର କାରିଗରମାନେ ମାଟି ଦୀପ ତିଆରି କରିଥାନ୍ତି। ଘରର ମହିଳାମାନେ ଏହି ଦୀପ ତିଆରିରେ ସାମିଲ ହୋଇଥାନ୍ତି। ଗାଁରେ ରହୁଥିବା ପ୍ରାୟ ୩ଶହ ପରିବାରର ପ୍ରାୟ ୧୧ଶହ ଲୋକ ମାଟି ପାତ୍ର ଗଢ଼ି ଜୀବିକା ନିର୍ବାହ କରୁଥିବା ବେଳେ ଅଧିକାଂଶ ପରିବାରର ଲୋକମାନେ ବିଭିନ୍ନ ପ୍ରକାରର ମାଟିର ଦୀପ ତିଆରି କରିଥାନ୍ତି। ଏଠାକାର କାରିଗର ଚନ୍ଦନ ମୁଦୁଲି କୁହନ୍ତି, ବିଭିନ୍ନ ପୂଜାପର୍ବାଣି ସମୟରେ ଦୀପ ବିକ୍ରି ହେଉଥିବା ବେଳେ ଦୀପାବଳି ଉପଲକ୍ଷେ ବହୁ ସଂଖ୍ୟାରେ ଦୀପ ତିଆରି କରିଥାନ୍ତି। ନଚେତ ଅନ୍ୟ ସମୟରେ ଦେବଦେବୀଙ୍କ ପୀଠକୁ ଏଠାରୁ ଦୀପ ବିକ୍ରିପାଇଁ ଯାଇଥାଏ। ଏମିତିରେ ଏହି ଦୀପରୁ ସେମାନେ ଭଲ ଅର୍ଥରୋଜଗାର କରିଥାନ୍ତି। ପଚାଶ ପଇସାରୁ ଆରମ୍ଭକରି ୧ଟଙ୍କା, ୨ଟଙ୍କା, ୫ଟଙ୍କା, ୧୦ଟଙ୍କା, ୨୦ଟଙ୍କାର ମାଟିଦୀପ ତିଆରି କରଯାଏ। ସେହିପରି ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ ଅନ୍ତିର୍ଗତ ସୋରଣ ମୁଦୁଲିସାହିରେ ପ୍ରାୟ ୬୦ଟି କୁମ୍ଭକାର ପରିବାର ରହିଛନ୍ତି। ଯେଉଁମାନେ କି ବିଭିନ୍ନ ପର୍ବପର୍ବାଣି ଆସିବା ପୂର୍ବରୁ ମାଟିର ବିଭିନ୍ନ ପ୍ରକାରର ଦୀପ ତିଆରି କରିଥାନ୍ତି।

କେବଳ ଏହିସବୁ ଗାଁ ନୁହେଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦୀପ କାରିଗରମାନେ ଅଛନ୍ତି, ଯେଉଁମାନେ କି ଆଜିକାଲି ସାଦା ମାଟି ଦୀପ ବ୍ୟତୀତ ଡିଜାଇନ ଦୀପ ତିଆରି କରୁଛନ୍ତି। କାରଣ ଏବେ ଡିଜାଇନ ଦୀପର ଚାହିଦା ଆମ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ରହିଛି। ଯେଉଁଥିପାଇଁ ଯୁବପିଢ଼ି ଏଥିପ୍ରତି ବେଶି ଆଗ୍ରହୀ ହେଉଛନ୍ତି।

ତଥ୍ୟ–**ନରେଶ ପଟ୍ଟନାୟକ**
**କିଶୋର ମହାପାତ୍ର**





# ଦାମୀ କ୍ୟାଣ୍ଡେଲ୍





**ଦୀପାବଳିରେ ଦୀପ ବ୍ୟତିତ କ୍ୟାଣ୍ଡେଲ୍‌ର ବି ବେଶ୍ ଚାହିଦା ରହିଥାଏ। ଆଉ ତାକୁ ହିଁ ଲକ୍ଷ୍ୟ କରି ପ୍ରତିବର୍ଷ ଏହି ଅବସରରେ କେତେ ନୂଆ ଡିଜାଇନ୍‌ର କ୍ୟାଣ୍ଡେଲ୍ ବିକ୍ରି ପାଇଁ ବଜାରକୁ ଆସେ। ହେଲେ ଏଠାରେ ଯେଉଁ କ୍ୟାଣ୍ଡେଲ୍ କଥା କୁହାଯାଉଛି ତାହାର ଡିଜାଇନ୍‌କୁ ଦେଖିଲେ କିଣିବାକୁ ସମସ୍ତଙ୍କର ମନ ହେବ, କିନ୍ତୁ ଏହାର ଦାମ୍ ଜାଣିଲେ କିଣିବେ କି ନାହିଁ ସେକଥା ଭାବିବାକୁ ବି ପଡ଼ିବ! କାରଣ ଏସବୁ ସାଧାରଣ ଲୋକଙ୍କ ବଜେଟ୍ ବାହାରେ...**



**✻ ଏଲ୍ ଅବ୍‌ଜେକ୍ଟ–ଲିଟୋ ଥ୍ରୀ ୱିକ୍ କ୍ୟାଣ୍ଡେଲ୍:** ଗୋଟିଏ ଆଖିର ଛବି ଥିବା ଏକ ଆକର୍ଷଣୀୟ କ୍ୟାଣ୍ଡେଲ୍ ହୋଲ୍ଡର ଭିତରେ ରହିଛି ଏହି ମହମବତି। ଏହି କ୍ୟାଣ୍ଡେଲ୍ ହୋଲ୍ଡର ଉପରେ ଥିବା ସରୁ ସରୁ ଗାରରେ ୨୪ କ୍ୟାରେଟ୍ ଗୋଲ୍ଡର ଟିକେ ଟିକେ ପଲିସ୍ ବି ଦିଆଯାଇଛି ; ଯାହା ଏହାକୁ ଆକର୍ଷଣୀୟ ରୂପ ଦେଉଛି। ସେଥିପାଇଁ ଏହାର ଦାମ୍ ପ୍ରାୟ ୪୯୫ ଡଲାର ରଖାଯାଇଛି।

**✻ ଭରସାକେ– ବରକ୍ୟୁ ସେଣ୍ଟେଡ୍ ଡିଜାଇନର୍ କ୍ୟାଣ୍ଡେଲ୍:** ଏହା ଏକ ମାଷ୍ଟରପିସ୍ କ୍ୟାଣ୍ଡେଲ୍ ହୋଲ୍ଡର ; ଯାହା ଭିତରେ ଥାଏ ସୁଗନ୍ଧିତ କ୍ୟାଣ୍ଡେଲ। ସୁନେଲି ରଙ୍ଗର ରାଜକୀୟ ଡିଜାଇନ୍‌ରେ ନିର୍ମିତ ହୋଇଥିବା ଏହି କ୍ୟାଣ୍ଡେଲ୍ ହୋଲ୍ଡରରେ ଯେଉଁ ମହମବତି ଥାଏ ତାକୁ ଜଳାଇଲେ ତାହାର ସୁଗନ୍ଧ ପ୍ରାୟ ୬୦ ଘଣ୍ଟା ଯାଏ ଲୋକଙ୍କୁ ମତୁଆଲା କରିଥାଏ। ତା'ଛଡ଼ା ଉକ୍ତ କ୍ୟାଣ୍ଡେଲ୍ ହୋଲ୍ଡର ଢାଙ୍କୁଣି ଉପରେ ଯେଉଁ ଛୋଟ ହ୍ୟାଣ୍ଡେଲ୍‌ଟିଏ ଅଛି, ସେଥିରେ ସାମାନ୍ୟ ୨୪ କ୍ୟାରେଟ୍‌ର ପଲିସ୍ ଦିଆଯାଇଛି, ସେଥିପାଇଁ ଏହାର ଦାମ୍ ପ୍ରାୟ ୫୦୦ ଡଲାର ରଖାଯାଇଛି।



**✻ ଏଲ୍ ଅବଜେକ୍ଟ– ୟୁନିକର୍ନ କ୍ୟାଣ୍ଡେଲ୍:** ୟୁନିକର୍ନ ସେପ୍‌ର ଏକ କ୍ୟାଣ୍ଡେଲ୍ ହୋଲ୍ଡର ଭିତରେ ଥିବା ଏହି ମହମବତି ବି ଦେଖିବାକୁ ଟିକେ ଭିନ୍ନ ଲାଗିଥାଏ ; ଯାହାର ଗୋଟିଏ ଶିଙ୍ଗ ଓ ଚାରୋଟି ଗୋଡ଼ରେ ୨୪ କ୍ୟାରେଟ୍ ଗୋଲ୍ଡର ପଲିସ୍ ଦିଆଯାଇଥାଏ। ସେଥିପାଇଁ ଏହାର ଦାମ୍ ପ୍ରାୟ ୬୨୫ ଡଲାର ରହିଥାଏ।


**✻ ରିଫ୍ଲେକ୍ସନ୍ କୋପେନ୍‌ହାଗେନ୍– ଗ୍ରାଣ୍ଡ ସୋଫି କ୍ୟାଣ୍ଡେଲ୍:** ଏହାକୁ ଦେଖିଲେ ଲାଗେ, ସତେ ଯେମିତି ଏହା ଏକ ଆକର୍ଷଣୀୟ ସେଣ୍ଟ ବୋତଲ। କିନ୍ତୁ ପ୍ରକୃତରେ ଏହା ଏକ କ୍ୟାଣ୍ଡେଲ୍ ହୋଲ୍ଡର ; ଯାହା ଭିତରେ ରହିଛି ସୁଗନ୍ଧିତ କ୍ୟାଣ୍ଡେଲ। ଫ୍ରେଞ୍ଚ ନିର୍ମିତ ଏହି କ୍ରିଷ୍ଟାଲ୍ କ୍ୟାଣ୍ଡେଲ୍ ହୋଲ୍ଡର ଭିତରେ ଯେଉଁ ମହମବତି ରହିଛି, ତାହା ଏତେ ସୁଗନ୍ଧମୟ ଯେ, ଏହାକୁ ଥରେ ଜଳାଇଲେ ଏହାର ସୁଗନ୍ଧ ପ୍ରାୟ ୯୦ ଘଣ୍ଟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ମତୁଆଲା କରିଥାଏ। କ୍ୟାଣ୍ଡେଲ୍ ନାଇଟ୍ ଡିନର୍ ପାଇଁ ଏହାକୁ ବିଶେଷକରି ଧନଶାଳୀ ଲୋକମାନେ ବ୍ୟବହାର କରୁଥିବା ଦେଖିବାକୁ ମିଳେ। ମୁଖ୍ୟ କଥା ହେଉଛି ଏହି କ୍ୟାଣ୍ଡେଲ୍ ପୂରା ଜଳିଯିବା ପରେ ଉକ୍ତ କ୍ରିଷ୍ଟାଲ୍ କ୍ୟାଣ୍ଡେଲ୍ ହୋଲ୍ଡରକୁ ସୋ ପିଶ୍ ଭାବେ ଘରେ ମଧ୍ୟ ସାଇତିକି ରଖିପାରିବେ। ଏହାର ଦାମ୍ ପ୍ରାୟ ୮୪୨ ଡଲାର୍ ରଖାଯାଇଛି।




**✻ ଲାଡ୍ରୋ– ପ୍ୟାରୋଟ୍ସ ସେଣ୍ଟେଡ୍ କ୍ୟାଣ୍ଡେଲ୍:** ଆକର୍ଷଣୀୟ ମଗ୍ ସେପ୍‌ର ଏକ ବେସ୍ ଭିତରେ ରହିଛି ଏହି ସୁଗନ୍ଧିତ କ୍ୟାଣ୍ଡେଲ୍‌ଟି। ଆଉ ଏହି ବେସ୍‌ର ହ୍ୟାଣ୍ଡେଲ୍‌ରେ ବସି ରହିଛି ଏକ ଶୁଆ ଏବଂ ମଗ୍ ର ମୁହଁ ପାଖରେ ଥୁଆ ହୋଇଛି ଏକ ଗୋଲାକାର ଲିଡ୍, ଯାହାକି କାଠରେ ତିଆରି। ଏହି ସେଣ୍ଟେଡ୍ କ୍ୟାଣ୍ଡେଲ୍‌ର ସ୍ୱତନ୍ତ୍ରତା ହେଉଛି ଏହାକୁ ଥରେ ଜଳାଇଲେ ଏଥିରୁ ଯେଉଁ ବାସ୍ନା ବାହାରେ ତାହା ପ୍ରାୟ ୧୫୦ ଘଣ୍ଟା ପର୍ଯ୍ୟନ୍ତ ସେହି ସ୍ଥାନରେ ରହିଥାଏ। କଫି ଟେବୁଲ୍ ହେଉ ଅବା ଲିଭିଂ ରୁମ୍‌ରେ ଜଳାଇବା ପାଇଁ ଏହା ସବୁଠୁ ଉତ୍ତମ। ତା'ଛଡ଼ା ଏହି କ୍ୟାଣ୍ଡେଲ୍‌କୁ ଜଳାଇଲେ ଏଥିରୁ ସାମାନ୍ୟ ଧୂଆଁ ଟିକେ ବି ବାହାରେନି ବୋଲି ସୂଚନା ରହିଛି। ତେଣୁ ସ୍ପେନ ନିର୍ମିତ ଏହି କ୍ୟାଣ୍ଡେଲ୍‌ର ଦାମ୍ ପ୍ରାୟ ୧୦୦୫ ଡଲାର ରହିଛି।



**✻ ଲାଲିକ୍ୟୁ –ଥୋର୍ନ୍ସ ପ୍ଲାଟିନମ୍ ଏଡିଶନ୍:** ଫିକା ବାଇଗଣୀ ରଙ୍ଗର ଏକ ଟ୍ରାନ୍ସପାରେଣ୍ଟ ଗ୍ଲାସ୍ ଶେପ୍‌ର ଏକ ବେସ୍ ଭିତରେ ଭରିରହିଛି ଏହି କ୍ୟାଣ୍ଡେଲ୍। ଆଉ ଏହି ବେସ୍ ଚାରିପଟେ ପ୍ଲାଟିନମ୍ କୋଟ୍‌ର ଖୁବ୍ ସୁନ୍ଦର ସୁନ୍ଦର ଲତା ଡିଜାଇନ୍ କରାଯାଇଛି ; ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗୁଛି। ସବୁଠୁ ଖାସ୍ କଥା ହେଉଛି ଏହା ଏକ ସେଣ୍ଟେଡ୍ କ୍ୟାଣ୍ଡେଲ୍ ; ଯାହାକୁ ଜଳାଇଲେ ଏତେ ସୁନ୍ଦର ବାସ୍ନା ଆସେ ଯେ, ମନମିଜାଜ୍ ପୂରା ତାଜା ହୋଇଯାଏ। ତା'ଛଡ଼ା ଏହି କ୍ୟାଣ୍ଡେଲ୍‌କୁ ଥରେ ଜଳାଇଲେ ଏହାର ବାସ୍ନା ପ୍ରାୟ ୮୦ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ ବୋଲି ସୂଚନା ରହିଛି ; ଯାହାକି ହେଉଛି ଏହାର ସ୍ୱାତନ୍ତ୍ର୍ୟ। ସେଥିପାଇଁ ତ ଫ୍ରାନ୍ସରେ ନିର୍ମିତ ଏହି କ୍ୟାଣ୍ଡେଲ୍‌ଟିର ଦାମ୍ ପ୍ରାୟ ୨୦୪୩ ଡଲାର ରହିଛି।



# ଓଡ଼ିଶୀ ନୃତ୍ୟ ନିପୁଣା କୁମ୍‌କୁମ୍‌








ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ଗୀତ, ସ୍ୱର, ଭାବ, ପୋଷାକ, ମାଧୁର୍ଯ୍ୟ ହିଁ ଦେଶ ବିଦେଶରେ ଏହାକୁ ଲୋକପ୍ରିୟ କରାଇଥିବାବେଳେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କର ମଧ୍ୟ ରହିଛି ଅନେକ ଅବଦାନ। ସେମିତି ନୃତ୍ୟଶିଳ୍ପୀମାନଙ୍କ ମଧ୍ୟରେ ସର୍ବାଗ୍ରେ ଯେଉଁମାନଙ୍କ ନାମ ଆସେ ତାଙ୍କ ମଧ୍ୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ **କୁମ୍‌କୁମ୍‌ ମହାନ୍ତି** ଅନ୍ୟତମ। ୧୯୪୬ ମସିହା ଅକ୍ଟୋବର ୧୦ ତାରିଖରେ କଟକର ଏକ ସଂସ୍କୃତିପ୍ରେମୀ ପରିବାରରେ ତାଙ୍କର ଜନ୍ମ। ବାପା ବାମଚରଣ ଦାସ, ମା' ପୁଣ୍ୟପ୍ରଭା ଦାସ। ଶୈଶବରୁ ତାଙ୍କର ନୃତ୍ୟ ଓ ସଙ୍ଗୀତ ପ୍ରତି ଥିଲା ଗଭୀର ଆକର୍ଷଣ। ପିଲାଦିନେ ଘରେ ଦୁଷ୍ଟାମି କରୁଥିବା ଝିଅଟିକୁ ହଠାତ୍‌ ଦିନେ ବାପା ଶାସନ କରିବାକୁ ଯାଇ ପ୍ରତ୍ୟେକ ରାତିରେ ଗୋଡ଼ ମୋଡ଼ିବାର ଆଜ୍ଞା ଦେଇଥିଲେ। ସେଇ ପାଦସେବା କରିବା ଭିତରେ ଗୁଣୁ ଗୁଣୁ ହୋଇ ଗୀତ ଗାଉଥିବା କୁମ୍‌କୁମ୍‌ଙ୍କୁ ବାପା କହିଥିଲେ ଗୀତଟିଏ ଶୁଣାଇବାକୁ। ହେଲେ ଗୋଟିଏ ଗୀତ ନୁହେଁ, ଗାଉ ଗାଉ ସେ ପ୍ରାୟ ୪୦ଟି ଗୀତ ଶୁଣାଇଥିଲେ। ଆଶ୍ଚର୍ଯ୍ୟ ହୋଇ କହିଥିଲେ ତାଙ୍କ ବାପା- ଏ ଛୋଟ ବୟସରୁ ତୁ ଏତେ ଗୀତ ମନେରଖିଛୁ ମା। ଭଗବାନଙ୍କ ଆଶୀର୍ବାଦରୁ ଏ କଳା ତୁ ପାଇଛୁ। ମୁଣ୍ଡ ଆଉଁସିଦେଇ ବାପା ସେଦିନ ସିନା ଶୋଇପଡ଼ିଲେ କିନ୍ତୁ କୁମ୍‌କୁମ୍‌ଙ୍କ ଆଗ୍ରହକୁ ବାରିପାରି ପରଦିନ ହିଁ କଟକ କଳା ବିକାଶ କେନ୍ଦ୍ରର ନୃତ୍ୟ ବିଭାଗରେ ନାମ ଲେଖାଇଥିଲେ। ମାତ୍ର ନଅ ବର୍ଷ ବୟସରୁ ନୃତ୍ୟାଭ୍ୟାସ ଆରମ୍ଭକରି ଦୀର୍ଘ ଦଶ ବର୍ଷକାଳ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିବା ପର୍ଯ୍ୟନ୍ତ ନୃତ୍ୟ ଶିକ୍ଷା କରିଥିଲେ। ନିଜର ପ୍ରଥମ ମଞ୍ଚ ଅନୁଭୂତିକୁ ମନେପକାଇ ସେ କୁହନ୍ତି, ୧୯୫୭ ମସିହା କଥା। ମୁଁ କଟକ ରେଭେନ୍ସା ଗର୍ଲ୍ସ ହାଇସ୍କୁଲରେ ପଢୁଥାଏ। ସେ ସମୟରେ କୁମାର ଉତ୍ସବ ଖୁବ୍‌ ଧୁମ୍‌ଧାମ୍‌ରେ ପାଳିତ ହେଉଥାଏ। ମୋତେ ଆକାଶବାଣୀର ସୁରେନ୍‌ ମହାନ୍ତି ନୃତ୍ୟ ପରିବେଷଣ ପାଇଁ ସୁଯୋଗ ଦେଇଥିଲେ। ନୃତ୍ୟନିଶାରେ ମୁଁ ଏପରି ମଜ୍ଜିଯାଇଥିଲି ଯେ ଆୟୋଜକମାନେ ମଞ୍ଚକୁ ଉଠେଇବା ପରେ କ'ଣ ନାଚିଲି ତା'ର ବି ଜ୍ଞାନ ନ ଥିଲା। ଏହାପରେ ୧୯୬୩ ମସିହାରେ ଭାଲେନ୍ତିନା ତେରେସ୍କୋଭା କଟକ ଆସିଥିବା ସମୟରେ ମୋର ଓଡ଼ିଶୀ ନୃତ୍ୟ ପରିବେଷଣ ଦେଖି ଖୁବ୍‌ ପ୍ରଶଂସା କରିଥିଲେ। ହେଲେ ଏହି ପ୍ରଶଂସାର ପ୍ରକୃତ ହକ୍‌ଦାର ତାଙ୍କ ଗୁରୁଜୀ କେଳୁଚରଣ ମହାପାତ୍ର ବୋଲି ସେ ସ୍ୱୀକାର କରନ୍ତି। କୁମ୍‌କୁମ୍‌ କୁହନ୍ତି, 'ସାର୍‌ ମୋ ପାଇଁ ଦେବତା। ତାଙ୍କର ଧୈର୍ଯ୍ୟ, ସହନଶୀଳତା, ନିଷ୍ଠାପର ମନୋବୃତ୍ତି ମୋ ଉପରେ ଅନେକ ପ୍ରଭାବ ପକାଇଛି। ଗୁରୁଜୀ ମୋତେ ଅନେକ ଭଲ କଥା ଶିକ୍ଷା ଦେଇଛନ୍ତି। ମୋର ନିଜସ୍ୱ ସାଧନା, ଅଧ୍ୟବସାୟ ସହିତ ମୋ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ ଓ ଗୁରୁଙ୍କ ଆଶୀର୍ବାଦ, ବାପା ବୋଉଙ୍କ ପ୍ରୋତ୍ସାହନ, ସହଯୋଗ ମୋତେ ଆଜି ଜଣେ ନୃତ୍ୟଶିଳ୍ପୀର ପରିଚୟ ଦେଇଛି। ଏମ୍‌ଏ ପଢୁଥିବା ସମୟରେ ୧୯୬୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗୀତଗୋବିନ୍ଦ ଉପରେ ଏକ ସେମିନାର୍‌ ଆୟୋଜନ କରାଯାଇଥିଲା, ସେହିଠାରେ ନୃତ୍ୟ ପରିବେଷଣ କରି ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ନିଜ ରାଜ୍ୟକୁ ଗୌରବାନ୍ୱିତ କରିଥିଲେ ସେ। ୧୯୭୦ ମସିହାରେ ପ୍ରଥମ ପଦକ୍ଷେପରେ ଆଲାଏଡ୍‌ ପାଇଥିବା କୁମ୍‌କୁମ୍‌ ଏହା ପୂର୍ବରୁ ଶୈଳବାଳା ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ଥିଲେ। ଆଲାଏଡ୍‌ ପାଇବାର ଦୁଇବର୍ଷ ପରେ ସେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଆଇଏଏସ୍‌ ମଦନ ମୋହନ ମହାନ୍ତିଙ୍କ ସହିତ। ବିବାହ ପରେ ତାଙ୍କ ପ୍ରତିଭାର ବିକାଶ ପାଇଁ ବ୍ୟାପକ ପରିସର ମିଳିଥିଲେ ମଧ୍ୟ ଉଭୟ ପରିବାର ଓ କର୍ମକ୍ଷେତ୍ରର ବ୍ୟସ୍ତତା ମଧ୍ୟରେ ନୃତ୍ୟ ପାଇଁ ସମୟ ଦେବା ସମ୍ଭବ ହୋଇପାରୁ ନ ଥିଲା। ତେବେ ନୃତ୍ୟକଳା ପ୍ରତି ତାଙ୍କର ସମର୍ପିତ ମନୋଭାବ ତାଙ୍କୁ ନୃତ୍ୟଜଗତରେ ବାନ୍ଧି ରଖିଥିଲା। ୧୯୮୬ ମସିହାରେ ରାଜ୍ୟ ସଂସ୍କୃତି ବିଭାଗ ଅଧୀନରେ ଖୋଲିଥିଲା ଓଡ଼ିଶୀ ଗବେଷଣା କେନ୍ଦ୍ର। ଶ୍ରୀମତୀ ମହାନ୍ତି ଏହାର ପ୍ରଥମ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ଗ୍ରହଣ କଲେ। ଓଡ଼ିଶୀ ଗବେଷଣା କେନ୍ଦ୍ର ଜରିଆରେ ଓଡିଶୀ ନୃତ୍ୟ ପ୍ରଚାର ପ୍ରସାର ପାଇଁ ବହୁ ପୁସ୍ତକ ପ୍ରକାଶନଠାରୁ ତଥ୍ୟ ସଂଗ୍ରହ ପର୍ଯ୍ୟନ୍ତ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ନୃତ୍ୟ ସମ୍ବନ୍ଧୀୟ ଦୁଇଟି ଗ୍ରାମାର ପୁସ୍ତକ ରଚନା କରି ଓଡ଼ିଶୀ ତାଳ ଓ ଛନ୍ଦ ଉପରେ ତାଙ୍କ ତତ୍ତ୍ୱାବଧାନରେ ବହୁ କ୍ୟାସେଟ୍‌ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦେବଦାସୀମାନଙ୍କ କଥା ଓ ତାଙ୍କ ପ୍ରତିଭାକୁ ଗୁରୁତ୍ୱ ଦିଆଯାଇଛି। କୁମ୍‌କୁମ୍‌ଙ୍କ ମତରେ ଆଜିକାର ନୃତ୍ୟ ଶିଳ୍ପୀମାନେ ତ୍ୟାଗ, ସାଧନା ଓ ଶୃଙ୍ଖଳିତ ଜୀବନ ବିତାଇବା ସହିତ ସଂଗୀତ, ନୃତ୍ୟର ତାଳ ତତ୍ତ୍ୱ ବୁଝି ସାଧନା କଲେ ନିଶ୍ଚିତ ସଫଳତା ପାଇପାରିବେ। ଏହାବାଦ ରାଜ୍ୟର ସାଂସ୍କୃତିକ ବିକାଶ ପାଇଁ କେବଳ ସରକାର ନୁହେଁ, ଆମେ ସମସ୍ତେ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବା ଉଚିତ। ୧୯୬୩ରୁ ୨୦୦୪ ପର୍ଯ୍ୟନ୍ତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଚିଫ୍‌ ଏକ୍‌ଜିକ୍ୟୁଟିଭ୍‌ ଭାବେ କାର୍ଯ୍ୟରତ ଏହି ନୃତ୍ୟାଙ୍ଗନା ନିଜ ଦେଶର ବହୁ ନୃତ୍ୟ ମହୋତ୍ସବ ସହିତ ରୁଷିଆ, ଜର୍ମାନ୍‌, ବ୍ରିଟେନ୍‌, ଆମେରିକା, ଜାପାନ, ଇଣ୍ଡୋନେସିଆ ଆଦି ଦେଶରେ ନୃତ୍ୟ ପରିବେଷଣ କରିଛନ୍ତି। ବିଦେଶ ମାଟିରେ ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରି ନିଜ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି କରିଛନ୍ତି।

ନିଜ ନୃତ୍ୟକୁ ନେଇ ଦେଶ ବିଦେଶରେ ବହୁ ସମ୍ମାନ ସମ୍ବର୍ଦ୍ଧନାର ଅଧିକାରିଣୀ ହୋଇଥିବା କୁମ୍‌କୁମ୍‌ ଓଡ଼ିଶୀ ନୃତ୍ୟକ୍ଷେତ୍ରରେ ଅନନ୍ୟ ସାଧନା ଏବଂ ପାରଦର୍ଶିତା ପାଇଁ ସମ୍ମାନଜନକ ପଦ୍ମଶ୍ରୀ ପାଇବା ସହ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ମଧ୍ୟପ୍ରଦେଶ ସରକାରଙ୍କଠାରୁ କାଳିଦାସ ସମ୍ମାନ, ରାଜ୍ୟ ସରକାରଙ୍କ ପକ୍ଷରୁ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଆଇଆଇଟି ଭୁବନେଶ୍ୱରରୁ ଶ୍ରେଷ୍ଠ ଶିକ୍ଷକ ସମ୍ମାନ ଇତ୍ୟାଦି ସହ ଅନେକ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ମଧ୍ୟ ହୋଇଛନ୍ତି।

**–ପ୍ରିୟମ୍ବଦା ରଥ**
ଆର୍‌କେ ପୁରମ (ସେକ୍ଟର ୪), ନୂଆଦିଲ୍ଲୀ
ମୋ: ୮୬୮୮୯୫୭୮୦୦







# ପାଳି

–ଲକ୍ଷ୍ମୀ ଚାନ୍ଦ୍

ତାଳ ଫୋଟକାଟି ଢୋ କିନା ଫୁଟିଲା । ସିମି କାନରେ ହାତ ଦେଲା । ପିଲାଟି ଦିନରୁ ତାର ଶବ୍ଦ ପ୍ରତି ଭୀଷଣ ଭୟ । କିଏ ଉଚ୍ଚ ସ୍ୱରରେ କଥା ହେଲେ କି କୋଉଠି ଝଗଡା ଲାଗିଲେ କିମ୍ବା କୁକୁର ଭୁକିଲେ ସେ ଡରିଯାଏ । ଏପରିକି ଘଡଘଡି ଏବଂ ଗାଡିର ହର୍ଣ୍ଣ ମଧ୍ୟ ତାକୁ ଚମକାଇ ଦିଏ । ବଡ ହେଲାପରେ ଯଦିଓ ଏହି ଭୟ ସାମାନ୍ୟ କମିଗଲା ତଥାପି ତାକୁ ଜୋରରେ ଶବ୍ଦ ହେଲେ ଡର ଲାଗେ । ତାର ଏହି ଭୟାଳୁ ପଣକୁ ଆବିଷ୍କାର କଲାପରେ ସ୍ୱାମୀ ସୁଧାଂଶୁ ମୁହଁରେ କେମିତି ଏକ ହସ ଚହଟି ଯାଇଥିଲା । ସୁଧାଂଶୁର ସେ ହସର କାରଣ ସିମି ମଧ୍ୟ ଖୁବ୍ ଶୀଘ୍ର ଆବିଷ୍କାର କରିନେଲା । ତା'ର ଭୁଲ ଥାଉ ବା ନଥାଉ ଘରେ ବାହାରେ ସୁଧାଂଶୁ ତା' ଉପରେ ଚିଲ୍ଲାଇବା ଆରମ୍ଭ କରିଦେଇଥିଲା । ତା' ସ୍ୱର ଏତେ ଉଚ୍ଚ ଏବଂ ତୀର୍ଯ୍ୟକ ଯେ, ସିମି ଚାହିଁ ମଧ୍ୟ କିଛି କହିପାରେନା । ଭୁଲ ନଥିଲେ ବି କ୍ଷମା ମାଗେ । ସୁଧାଂଶୁର ମୁହଁ ଗର୍ବରେ ଉଜ୍ଜ୍ୱଳି ଉଠେ ।

–ସରକାର ଏହି ବାଣଫୁଟାକୁ ରାତି ଦଶଟା ପରେ ନିଷିଦ୍ଧ କରିବା ବଦଳରେ ପୁରା ବନ୍ଦ୍ କରିପାରିଥାନ୍ତେ । ଖୁବ୍ ଧୀରେ ସିମି କହିଲା ।

–ତମ ଇଚ୍ଛାରେ ? ଫୁଟି ସାରିଥିବା ତାଳଫୋଟକାଟିକୁ ଦୂରକୁ ଫୋପାଡୁ ଫୋପାଡୁ ସୁଧାଂଶୁ କହିଲା ।

–ସିମି ତାକୁ ଡରି ଡରି ଦେଖି ଭାବୁଥିଲା କିଛିଦିନ ତଳେ ଏହି କଥା ସୁଧାଂଶୁ ନିଜେ କହିଥିଲା । କିନ୍ତୁ ଏବେ ମାନିବ ନାହିଁ । ସିମି ଏବେ ସୁଧାଂଶୁକୁ ବେଶି କଥା କହେ ନାହିଁ । ଯେତିକି ଆବଶ୍ୟକ ସେତିକି ।  ବାହାର ଲୋକ ଦେଖିଲେ ସୁଧାଂଶୁର ବଡ ପାଟି ଚିତ୍କାରରେ ପରିଣତ ହୋଇଯାଏ ଯେଉଁଥିପାଇଁ ସିମି କାନ୍ଦୁଣୁମାନ୍ଦୁଣୁ ହୋଇ ତା' ଗୋଡ ଧରିପକାଏ । ସେଥିରେ ସୁଧାଂଶୁର ଖୁସି । ମାତ୍ର କଥାଟିଏ କହିଦେଇ ଚୁପ୍ ରହିଗଲେ ସୁଧାଂଶୁ ଆହୁରି ଚିଡେ । ସେ ଚାହେଁ ସିମି କିଛି କହୁଥାଉ । କହିଲେ ସିନା କଥାର ଉତ୍ସ ଖୋଜି ତାକୁ ଡରେଇବାକୁ ସୁଯୋଗ ମିଳିବ ।

–କିଛି କହିଲନି ଯେ, ଲୋକଙ୍କ ସାମାନ୍ୟ ବିଳାସକୁ



ବି ବନ୍ଦ୍ କରିଦେଲେ ତୁମକୁ ଖୁବ୍ ଖୁସି ଲାଗନ୍ତା ନାଇଁ ?

–ମୁଁ ଏ କଥା ମନରେ ଭାବି ନାହିଁ, କେବଳ ଉଚ୍ଚ  ଶବ୍ଦକୁ ମୋର ଭୟ ବୋଲି...ତା' ଛଡା ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ...

–ସେସବୁ ବାଜେ କଥା ଛାଡ, ଆସ ଗୋଟେ ତାଳଫୋଟକା ଫୁଟାଅ ।

–ତୁମେ ଫୁଟାଅ, ମୋତେ ଡର ଲାଗେ ପ୍ରଥମରୁ କହିଛି । ସିମି କାନ୍ଦ କାନ୍ଦ ହେଲା ।

–ସିମି ମୁହଁ ଦେଖି ସୁଧାଂଶୁ ହସିପକେଇଲା । କିଛି ଦୂରରେ ଗୋଟେ ବଡ ବମ୍ ରଖି କହିଲା –ମୋତେ ଏପରି ବମ୍ ଫୁଟାଇବାକୁ ଭଲ ଲାଗେ । ତାଳଫୋଟକା ସବୁ ତୁମରି ପାଇଁ । ଯାଅ ଫୁଟାଅ, ଏବେ ତୁମ ପାଳି ।

–ସୁଧାଂଶୁକୁ ବହୁତ ସମୟ ଦେଖି ସିମି ହଠାତ୍ ଯାଇ ବମ୍‌ରେ ନିଆଁ ଲଗାଇ ଘୁଞ୍ଚି ଆସିଲା । ସୁଧାଂଶୁ ତାକୁ ସେମିତି ଚାହିଁ ରହିଲା । ସିମି ବମ୍‌ଟିକୁ ଲଗାଇବା ପାଇଁ କାଉଁରିଆ କାଠିର ବ୍ୟବହାର ମଧ୍ୟ କଲା ନାହିଁ ଯାହା ସୁଧାଂଶୁ କରୁଥିଲା ।

ସୁଧାଂଶୁ ତାକୁ ବଡ ବଡ ଆଖିରେ ଚାହିଁ ପଚାରିଲା– କହୁଥିଲ ପରା ଶବ୍ଦ ତୁମକୁ ବହୁତ ଡରାଏ ।

–ଏଥର ଆଉ ଡରାଇବ ନାହିଁ, ଏବେ ତୁମ ପାଳି !

ସିମି ସ୍ଥିରଭାବେ ସୁଧାଂଶୁକୁ ଚାହିଁରହିଲା ।

–ଭୁବନେଶ୍ୱର
ମୋ: ୮୯୧୭୫୯୫୯୧୫

# ଦୀପଂ ଜ୍ୟୋତି ପରମବ୍ରହ୍ମ

–ମାନିନୀ ମିଶ୍ର

କ୍ଷମାକର,
ମୋ ଆଗରେ
ଚଣ୍ଡାଳ ଗୀତ
କ୍ରୁଶବିଦ୍ଧ ଛାତି, ପାଦ, ହାତ
ଆଞ୍ଜୁଳା ଆଞ୍ଜୁଳା କଳା ରକ୍ତ
ଆଉ ମୁଁ ଚିଲ୍ଲେଇବାକୁ ଅସମର୍ଥ
ହଁ ମାନୁଛି
ଏ ଶୋଭାଯାତ୍ରାରେ ମୋର ପାଦ
ହେଲେ ମୋର ପାଟି ନାହିଁ ଜିଭ ନାହିଁ
ନା ନାହିଁ ମଗଜ
ଏ ଶୋଭାଯାତ୍ରାର
ଅଗି ନାହିଁ, ମୂଳ କାହିଁ ?
ବହୁଦୂର ଯାଏ ବ୍ୟାପିଛି ଅନ୍ଧାର !
ମୁଣ୍ଡ ଉପରେ ଗୋଟିଏ
ଯୁଦ୍ଧ ଆତୁର ଆକାଶ
ପାଦ ତଳେ
ସ୍ୱଞ୍ଜୀ ବୋମାରେ ସିଲ
ବଙ୍କର ର କଙ୍କାଳ
ବାରୁଦିଆ ପବନ
ମଲା ମାଛ
ଚକ୍ ଚକ୍ ଦିଶୁଛି
ଏ ଦେଶ ଫାଳ
ଧଳା ଧଳା ନିଶ୍ଚଳ
କୁନି କୁନି ଓଠ, ଦେହ
ଆହା,
ଏବେଳାରେ ବି
ମୃତ୍ୟୁର ଅନ୍ତଚିରି
ଦପ୍ ଦପ୍ କରୁଛି
ସେମାନଙ୍କ ଆଖି
ଏ ଉଜ୍ଜ୍ୱଳ ଆଲୁଅର ଶୋଭାଯାତ୍ରାର
ଏ ଆବେଦନ ଠୁ
କେତେ ଗୁଣା ବଡ ହୋ
ତମର ଜଳନ୍ତା ଭୟର ଝଲଝଲି
ଜଳେଇ ଦେବ ମତେ ବୋଲି
ଆଣ୍ଟୁ ଖଣ୍ଡିଆ କରି ଧାଉଁଥିବ ?

–ରୟାଲ ଲାଗୁନ, ଭୁବନେଶ୍ୱର
ମୋ:୮୨୪୯୩୪୨୩୪୬





# ହେ ରାମ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେଉଛି ଓଡ଼ିଆ ସିନେମା 'ହେ ରାମ : କର୍ମ ହିଁ ଭଗବାନ' । ଖାସ୍ କଥା ହେଲା ଏଥିରେ ସମ୍ପିତ ଆଚାର୍ଯ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ ଏପରି ଭୂମିକାର ସଫଳତାକୁ ନେଇ ଆଶା ବାନ୍ଧିଛନ୍ତି ସେ। ଓଲିଉଡ୍‌ର ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ ଏହାର ପ୍ରଯୋଜନା କରିଛନ୍ତି। ଚିତ୍ରଟିର ଫାଷ୍ଟ ଲୁକ୍ ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ବିଦିସା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ପିତ କହନ୍ତି, 'ଏହି ଫିଲ୍ମଟି ମୋ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡ଼ିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଅଲଗା।' ଏଥିରେ ସମ୍ପିତଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡ୍ଡୁ, ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।



ସମ୍ପିତ



# ଆଶାରେ କ୍ୟାଟ୍ରିନା

ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଚଳିତ ମାସ ୧୨ରେ ରିଲିଜ ହୋଇଛି ବହୁ ପ୍ରତିକ୍ଷୀତ ସିନେମା 'ଟାଇଗର-୩' । ଏହି ସିକ୍ୱେଲ୍ ଚଳଚ୍ଚିତ୍ରରେ ସଲମାନ ଖାଁଙ୍କ ନାୟିକା ସାଜିଛନ୍ତି କ୍ୟାଟ୍ରିନା କୈଫ। ଏହି ଯୋଡିକୁ ନେଇ ପୂର୍ବରୁ ନିର୍ମିତ ଫିଲ୍ମଗୁଡିକ ଦର୍ଶକାଦୃତ ହୋଇସାରିଛି। ଆଉ ଏଥର ମଧ୍ୟ 'ଟାଇଗର-୩' ବକ୍ସ ଅଫିସରେ ଭଲ ବିଜନେସ କରିବ ବୋଲି ଆଶା ରଖିଛନ୍ତି କ୍ୟାଟ୍ରିନା। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ପ୍ରଯୋଜକ ଆଦିତ୍ୟ ଚୋପ୍ରା ମୋତେ ଏ ରୋଲ୍ ପାଇଁ ଚଏସ କରିଛନ୍ତି ତାହା ସବୁଠାରୁ ବଡ କଥା। ଏହାବ୍ୟତୀତ ସଲ୍ଲୁଙ୍କ ସହ ମୋ ଯୋଡି ବେଶ୍ ଜମିଥାଏ। ତେଣୁ ଏହି ଫିଲ୍ମର ସଫଳତା ନେଇ ଢ଼େର ଆଶା ରଖିଛି। ଏହାର ଶୁଟିଂ ସମୟରେ ସମସ୍ତ କଳାକାର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ତା'ସହ ନିର୍ଦ୍ଦେଶକ ମନୀଷ ଶର୍ମା କାହାଣୀକୁ ଠିକ୍ ଭାବରେ ଦୃଶ୍ୟାୟନ କରିବାକୁ କୌଣସି କଥାରେ ଅବହେଳା କରିନାହାନ୍ତି। ତେଣୁ ମୋର ଦୃଢ଼ ଆଶା ରହିଛି ଯେ, ଏହି ଫିଲ୍ମଟି ନିଶ୍ଚୟ ହିଟ୍ ସାବ୍ୟସ୍ତ ହେବ।' ସେପଟେ ସଲମାନ ମଧ୍ୟ ଫିଲ୍ମଟିର ସଫଳତାକୁ ନେଇ ଆଶାବାଦୀ ଅଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ପ୍ରଯୋଜକ ଆଦିତ୍ୟ ଚୋପ୍ରା। ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଅଙ୍କୁର ଚୌଧୁରୀ। ସଲମାନ ଏବଂ କ୍ୟାଟ୍ରିନାଙ୍କ ବ୍ୟତୀତ ଏଥିରେ ଇମ୍ରାନ ହାସମୀ ଏବଂ ଆଶୁତୋଷ ରାଣାଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଏବେ ନାହିଁ ଅବସୋସ

ଆଲିୟା ଭଟ୍ଟ ଇତିମଧ୍ୟରେ ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପରିଗଣିତ କରାଇପାରିଛନ୍ତି। ଏପରି କି 'ଗାଙ୍ଗୁବାଈ କାଠିଆୱାଡ଼ି' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଏହି ସିନେମାଟିର ନିର୍ଦ୍ଦେଶନା ଦେଇଥିଲେ ଅଭିଜ୍ଞ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି। ହେଲେ ତାଙ୍କୁ ନେଇ ଆଲିୟାଙ୍କର ଏକ ଅବସୋସ ଥିଲା। ତାହା କ'ଣ ଜାଣିବାକୁ ନିଶ୍ଚୟ ଅନେକଙ୍କ ମନରେ ଉତ୍ସୁକତା ପ୍ରକାଶ ପାଇବଣି। କଥା କ'ଣ କି ଆଲିୟାଙ୍କୁ ଯେତେବେଳେ ମାତ୍ର ୫ ବର୍ଷ ବୟସ ହୋଇଥିଲା ସେତେବେଳେ ସେ 'ସଂଘର୍ଷ' ଫିଲ୍ମରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଏହାର ଚାରି ବର୍ଷ ପରେ ଅର୍ଥାତ୍ ତାଙ୍କୁ ଯେତେବେଳେ ନଅ ବର୍ଷ ହୋଇଥିଲା ସେତେବେଳେ ସେ ସଞ୍ଜୟ ଲୀଲା ଭଁସାଲିଙ୍କ ସୁପରହିଟ୍ ଫିଲ୍ମ 'ବ୍ଲାକ୍'ରେ ଶିଶୁ କଳାକାର ଭାବରେ ଅଭିନୟ କରିବାକୁ ଅଡିସନ ଦେଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଏ ନେଇ ଆଲିୟା କହନ୍ତି, 'ଏହି ଅଡିସନ୍‌ରେ ଯେତେବେଳେ ମୁଁ ବିଫଳ ହେଲି ମୋ ମନ ଟିକେ ଦୁଃଖ ହୋଇଥିଲା। କାରଣ ସଞ୍ଜୟ ସାର୍‌ଙ୍କ ଫିଲ୍ମରେ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଯାହା ହେଉ ସେହି ଅବସୋସ ମୋର ଏବେ ଖୁସିରେ ପରିଣତ ହୋଇଛି। ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗାଙ୍ଗୁବାଈ କାଠିଆୱାଡ଼ି' ପାଇଁ ମୋତେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି।'

# ସ୍ପେଶାଲ ପ୍ରାକ୍ଟିସ

ଯାହା କୁହନ୍ତୁ ନା କାହିଁକି ରଶ୍ମିକା ମନ୍ଦାନାଙ୍କ ଆଇଡିଆକୁ ମାନିବାକୁ ପଡିବ। ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ପୁଣି କେଉଁଠି ଜାଣନ୍ତି ? ସୁଦୂର ଲଣ୍ଡନରେ। ତେବେ ସେଠାରେ ସେ ଗୋଟିଏ କଥା ପାଇଁ ଦିନ ରାତି ଏକାଠି କରିଦେଇଛନ୍ତି। ଅସଲ କଥା ହେଲା,ଏହି ଫିଲ୍ମରେ ତାଙ୍କୁ ନେଇ ଏକ ସୋଲୋ ଗୀତର ପିକ୍ଚରାଇଜେଶନ କରାଯିବ। ଯଦିଓ ଏହି ଗୀତର ଶୁଟିଂ ଆହୁରି ସପ୍ତାହେ ବାକି ଅଛି, କିନ୍ତୁ ଏ ନେଇ ସେ ଜୋରଦାର ଅଭ୍ୟାସ ଜାରି ରଖିଛନ୍ତି। ଶୁଟିଂ ପ୍ୟାକ୍‌ଅପ୍ ପରେ ସେ ଡେରି ନ କରି ସିଧା ହୋଟେଲରେ ପହଞ୍ଚିଯାଉଛନ୍ତି। ଏଭଳି ଯୋଜନା ବିଷୟରେ ରଶ୍ମିକା କହନ୍ତି, 'ଏହି ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରୁଛି। ଯେହେତୁ ସୋଲୋ ଗୀତ, ତେଣୁ ସବୁକିଛି ମୋ ଉପରେ ହିଁ ନିର୍ଭର କରେ। ଏଥିଲାଗି ମୋର ସ୍ପେଶାଲ ପ୍ରାକ୍ଟିସ ଜାରି ରହିଛି। କୋରିଓଗ୍ରାଫରଙ୍କ ଟିପ୍ସକୁ ଗୋଟି ଗୋଟି କରି ଫଲୋ କରୁଛି। ଦେଖାଯାଉ, ଶୁଟିଂ ପରେ ଗୀତଟିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି।' ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ଆନିମଲ' ଚଳିତ ବର୍ଷ ଡିସେମ୍ବର ୧ରେ ପରଦା ଉପରକୁ ଆସୁଛି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର।



ରଶ୍ମିକା

# ନୀରଜଙ୍କ ପ୍ରଶଂସାରେ ତବୁ

ତବୁଙ୍କ ଖୁସି ଏବେ କହିଲେ ନ ସରେ। କାରଣ କ'ଣ ଜାଣନ୍ତି ? ତାଙ୍କର ୫୨ତମ ଜନ୍ମଦିନ ଅବସରରେ ତାଙ୍କୁ ଏକ ଭଲ ଗିଫ୍ଟ ମିଳିଛି। ତାହାକୁ ପାଇବା ପରେ ତାଙ୍କ ପାଦ ଆଉ ତଳେ ଲାଗୁନି। ଅସଲ କଥା ହେଲା, ନିର୍ଦ୍ଦେଶକ ନୀରଜ ପାଣ୍ଡେ 'ଔରୋ ମେଁ କାହାଁ ଦମ୍ ଥା' ଟାଇଟଲବିଶିଷ୍ଟ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏକ ରୋମାଣ୍ଟିକ ଡ୍ରାମାଭିତ୍ତିକ କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯିବ। ସେପଟେ ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ଅଜୟ ଦେବଗନ। ଏ ନେଇ ତବୁ କହନ୍ତି, 'ମୋର ୫୨ତମ ଜନ୍ମଦିନରେ ନୀରଜ ମୋତେ ଏକ ଅଭୁଲା ଗିଫ୍ଟ ଦେଇଛନ୍ତି। ଏହି ସିନେମାର କାହାଣୀ ଯେତେବେଳେ ମୁଁ ଶୁଣିଲି ସେତେବେଳେ ଇମୋଶନାଲ ହୋଇପଡିଥିଲି। ଭାବିଥିଲି,ଏଭଳି ଏକ ଭୂମିକା ନିଶ୍ଚୟ ମୋ କ୍ୟାରିୟରକୁ ଆହୁରି ମାଇଲେଜ ଦେବ। ଏ ନେଇ ନୀରଜଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ଫିଲ୍ମଟିର ପ୍ରାରମ୍ଭିକ କାମ ଏବେ ଚାଲିଛି। ଖୁବ୍ ଶୀଘ୍ର ଏହାର ଶୁଟିଂ ସିଡ୍ୟୁଲ ଘୋଷଣା କରାଯିବ।' ଏହି ଫିଲ୍ମରେ ଜିମି ଶେରଗିଲ୍ ମଧ୍ୟ ଅଭିନୟ କରୁଛନ୍ତି। ତବୁ ପ୍ରଥମେ ଜଣେ ଶିଶୁ କଳାକାର ଭାବରେ ବଡ ପରଦାରେ କ୍ୟାରିୟର ଆରମ୍ଭ କରିଥିଲେ। ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଦେବ ଆନନ୍ଦଙ୍କ ନିର୍ଦ୍ଦେଶିତ 'ହମ୍ ନୌଜୱାନ'ରେ ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। କେବଳ ହିନ୍ଦୀ ନୁହେଁ, ତାମିଲ, ତେଲୁଗୁ, ମାଲାୟାଲାମ, ମରାଠୀ ଏପରିକି ବଙ୍ଗଳା ଫିଲ୍ମରେ ମଧ୍ୟ ତବୁ ଅଭିନୟ କରିସାରିଛନ୍ତି ।

# ଯଦି ଅଫର ମିଳେ...

କିଙ୍ଗ ଖାନ୍ ଶାହରୁଖ ଏବେ ଗୋଟିଏ ଜିନିଷ ପ୍ରତି ମନ ବଳାଇଛନ୍ତି। ଯଦି ସୁଯୋଗ ମିଳେ ଏବଂ 'ଜୱାନ-୨' ପ୍ରସ୍ତୁତ ହୁଏ ତେବେ ସେ ମନା କରିବେ ନାହିଁ। ଆଉ ଏସବୁ ନିର୍ଭର କରେ ଏହାର ନିର୍ଦ୍ଦେଶକ ଅଟଲିଙ୍କ ଉପରେ। ତାଙ୍କ ପରି ଜଣେ ଯୁବ ନିର୍ଦ୍ଦେଶକଙ୍କୁ ଯେତେ ପ୍ରଶଂସା କରାଯିବ ସେତେ କମ୍। ଏନେଇ ଶାହରୁଖ କହନ୍ତି, 'ଯାହାହେଉ କିଛି ବର୍ଷ ପରେ ପୁଣି ଥରେ ଦର୍ଶକ ମୋ ପ୍ରତି ଦୃଷ୍ଟି ଦେଇଛନ୍ତି। ଅନେକ ମତ ଦେଇଥିଲେ ଯେ ଶାହରୁଖଙ୍କ ସିନେମା ଆଉ ଚାଲିବ ନାହିଁ। ହେଲେ ନିକଟରେ ମୋର ଦୁଇଟି ଫିଲ୍ମ 'ପଠାନ୍' ଏବଂ 'ଜୱାନ' ସିରିଜ୍ ହିଟ୍ ହେବା ପରେ ଏ ନେଇ ମୁଁ ଆଉ କିଛି କହିବା ଠିକ୍ ହେବ ନାହିଁ। ମୋତେ ଅନେକ ପୂର୍ବରୁ ପଚରାଯାଇଥିଲା ଯେ 'ଜୱାନ'ର ସଫଳତା ପରେ ଆଉ କ'ଣ ଆଶା ରହିଛି ? ମୁଁ କହିଥିଲି, ଯଦି ଏହାର ପାର୍ଟ-୨ ପ୍ରସ୍ତୁତ ହୁଏ ଏବଂ ସେଥିରେ ଅଭିନୟ କରିବାକୁ ମୋତେ ଅଫର ମିଳେ ତେବେ ଆଦୌ ମନା କରିବି ନାହିଁ। ତେଣୁ ଜୱାନର ସିକ୍ୱେଲ ପ୍ରସ୍ତୁତିକୁ ମୁଁ ଅପେକ୍ଷା କରିଛି।' ଏବର୍ଷ ଶାହରୁଖ ଅଭିନୀତ ଆଉ ଏକ ସିନେମା ରିଲିଜ ହେବାକୁ ଯାଉଛି, ଯାହାର ଟାଇଟଲ ରହିଛି 'ଡଙ୍କି'। ଚଳିତ ବର୍ଷ ଖ୍ରୀଷ୍ଟମାସ ଅବରସରେ ଏହାର ପରଦା ଉପରକୁ ଆସିବ। ରାଜ କୁମାର ହିରାନୀଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ଶାହରୁଖଙ୍କ ବ୍ୟତୀତ ତାପସୀ ପନ୍ନୁ ଏବଂ ବୋମନ ଇରାନୀ ମଧ୍ୟ ଅଛନ୍ତି। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



ଶାହରୁଖ



ତବୁ



ଆଲିୟା

# ବୋଉ ପାଇଁ ସମ୍ବଲପୁରୀ ମଠା କିଣିଥିଲି

ପ୍ରଥମ ରୋଜଗାର

ପ୍ରଥମ ରୋଜଗାର ! ଆଃ!! କଞ୍ଚା ବୟସର ପ୍ରଥମ ସ୍ୱାବଲମ୍ବନ । ନିଜ ଉପରେ ଭରସା ଓ ଗର୍ବ କରିବାର ପ୍ରଥମ କାରଣ । ସେତେବେଳେ କିନ୍ତୁ ମୋର ଚାକିରି ବା ରୋଜଗାରର କୌଣସି ଆବଶ୍ୟକତା ନ ଥିଲା। କମ୍ପ୍ୟୁଟର ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଶିକ୍ଷା ଏଇ ମାତ୍ର ଆରମ୍ଭ ହୋଇଥାଏ । ପିଲାଟିଦିନରୁ ପାଠପଢ଼ା ମୋ ଜୀବନରେ ବିଶେଷ ଗୁରୁତ୍ୱ ବା ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହୋଇସାରିଥାଏ । ସ୍ନାତକ ଶ୍ରେଣୀ ଯାଏ ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ପାଠାଗାର ମୋ ଆବଶ୍ୟକତାକୁ ଯେତେ ସମ୍ଭବ ପୂରଣ କରି ଦେଇଥିଲା ହେଲେ ଏ ବ୍ୟୟସାପେକ୍ଷ କମ୍ପ୍ୟୁଟର ଶିକ୍ଷା ଓ ତା' ପାଇଁ ଆବଶ୍ୟକ ହେଉଥିବା ବ୍ୟକ୍ତିଗତ କମ୍ପ୍ୟୁଟର ମୋ ପାଇଁ ଯୋଗାଡି ଦେବାକୁ କ୍ଷମତା ନ ଥିଲା କାହାର ମଧ୍ୟ । ସେତେବେଳେ ନୂଆ ନୂଆ ବଜାରରେ ଖୁବ୍ କମ୍ ଉପଲବ୍ଧ ହେଉଥିବା ବହୁମୂଲ୍ୟ କମ୍ପ୍ୟୁଟର ମୋ ପାଇଁ କେବଳ ଏକ ଅଭିଳାଷ ହିଁ ଥିଲା । ଏଣେ ଶ୍ରେଣୀ କକ୍ଷରେ ସମୟ ଓ ମେଶିନର ଅଭାବକୁ ଛାତ୍ରୀଛାତ୍ର ସଂଖ୍ୟା ଅଧିକ । ଖାସ୍ ମୋ ପାଇଁ ବା କେତେ ସମୟ ଉପଲବ୍ଧ ହୋଇ ପାରନ୍ତା କମ୍ପ୍ୟୁଟରଟିଏ । ବାଧ୍ୟ ହୋଇ ଉପାୟଟିଏ ଚିନ୍ତା କଲି । ସକାଳ ୬ରୁ ବାହାରି ସନ୍ଧ୍ୟା ୬ ସୁଦ୍ଧା ଘରେ ପହଞ୍ଚିବାକୁ ତାଗିଦା ଥାଏ ଘରେ । ତେଣୁ ସନ୍ଧ୍ୟା ୬ ପରେ ନିକଟସ୍ଥ ଏକ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ମୁଁ ଶିକ୍ଷାଦାନ କରିପାରନ୍ତି ନିଜ ସୁବିଧା ମୁତାବକ ବିଷୟରେ । ବଦଳରେ ଦରମା ନୁହେଁ ବରଂ ମୋ ଆବଶ୍ୟକତା ଅନୁସାରେ ଯେତେ ସମୟ ଚାହିଁବି କମ୍ପ୍ୟୁଟରରେ ମୋ ନିଜ ପ୍ରୋଗ୍ରାମ ବା ଯାହା କିଛି ପଢ଼ା ଅଭ୍ୟାସ କରିପାରିବି । ସର୍ତ୍ତରେ ରାଜି ହେଲେ ଛତ୍ରପୁର ସହରର ସେହି ଛୋଟିଆ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା । ସତେ ଯେପରି ମୋ ସମସ୍ୟାମାନେ ଚଢ଼େଇ ଭଳି ଉଡ଼ିଗଲେ ସେଦିନ ସନ୍ଧ୍ୟାରେ ତାଙ୍କ ସହମତିରେ । ଖୁବ୍ ଖୁସି ହୋଇ ଘରକୁ ଫେରିଲି । ଘରେ ବି ଆପତ୍ତି କରିବାର କୌଣସି କାରଣ ନ ଥିଲା ଯେହେତୁ ତାହା ଆମ ଘରର ଖୁବ୍ ନିକଟରେ ଥିଲା । କେନ୍ଦ୍ରର ପ୍ରତିଷ୍ଠାତା ନିର୍ଦ୍ଦେଶକ ମଧ୍ୟ ପରିବାରର ଜଣେ ସଦସ୍ୟ ଭଳି ହିଁ ଥିଲେ । ଧୀରେ ଧୀରେ ଶିକ୍ଷାକେନ୍ଦ୍ରର ଗୋଟିଏ କ୍ଲାସ, ଦୁଇଟି, ତିନୋଟି ଏପରି ପଢ଼ଉ ପଢ଼ଉ ଦିନେ ଦିନେ ଛୁଟିଦିନଗୁଡ଼ିକରେ ନିର୍ଦ୍ଦେଶକଙ୍କ ଆଗ୍ରହରେ ଶିକ୍ଷାକେନ୍ଦ୍ରର ଦାୟିତ୍ୱ ମଧ୍ୟ ନେଲି। ନିଜ ପଢା ସହ ସଫ୍ଟୱେର ଡେଭଲପମେଣ୍ଟ, ପ୍ରୋଗ୍ରାମିଂ, ସିଷ୍ଟମ ଆନାଲିସିସ୍ ଭଳି ଗୁରୁଦାୟିତ୍ୱ ମଧ୍ୟ ଖୁସିରେ ଗ୍ରହଣ କଲି । ଖୁବ୍ କମ୍ ଦିନରେ ମୁଁ ସେହି ଶିକ୍ଷାକେନ୍ଦ୍ରର ଏକ ଅଙ୍ଗ ପାଲଟିଗଲି । ଦାୟିତ୍ୱ ବଢ଼ିଚାଲୁଥିଲା ଓ ନୂଆ ନୂଆ ଦାୟିତ୍ୱ ସହ ପାଠପଢ଼ା ମଧ୍ୟ ଚାଲିଥିଲା । ଗୋଟିଏ ମାସ ଶେଷ ହୋଇ ସାରିଥାଏ । ଦିନେ ବସି ଚିନ୍ତା କଲି, "ଏତେ ଦାୟିତ୍ୱ ନେବି ବା ଶିକ୍ଷାକେନ୍ଦ୍ରର ଅଂଶ ହେବି ବୋଲି ତ କଥା ନ ଥିଲା । ଏ ବିଷୟରେ ନିର୍ଦ୍ଦେଶକଙ୍କ ସହ ସିଧା ସଳଖ କଥା ହେବା ଉଚିତ ।" କୋରାପୁଟିଆ ମଣିଷ ଯେହେତୁ କୌଣସି ଉପଢୌକନ ନ ଦେଇ ମନକଥା ସିଧାସଳଖ କହିବାକୁ ଓ ଶୁଣିବାକୁ ପସନ୍ଦ କରିବା ମୋର ପୁରୁଣା ଅଭ୍ୟାସ । ସେଥିରେ ପୁଣି ମାତ୍ର ୨୧ବର୍ଷର ଅନଭିଜ୍ଞ ମନ । ହେଲେ ନିର୍ଦ୍ଦେଶକ କିନ୍ତୁ ଯଥେଷ୍ଟ ଭଦ୍ର, ମାର୍ଜିତ ଓ ଧୈର୍ଯ୍ୟବାନ୍। ମୁଁ କିଛି ବି କହିବା ପୂର୍ବରୁ ହୁଏତ ସେ ବୁଝି ସାରିଥିଲେ ମୋର ଅଭିପ୍ରାୟ । ନିଜ ଆଡୁ ହିଁ ପ୍ରଥମେ ଆରମ୍ଭ କଲେ, "ଆପଣ ଅନେକ କିଛି କରୁଛନ୍ତି ଏ ସେଣ୍ଟର ପାଇଁ । ଆପଣ ନ ଥିଲେ ହୁଏତ ଏ କେନ୍ଦ୍ର ଚଳାଇବା ମୋ ପାଇଁ ଏତେ ସହଜ ହୁଅନ୍ତାନି। ତେଣୁ ମୁଁ ଏଥିପାଇଁ ଆପଣଙ୍କୁ ଅଧିକ ନ ଦେଇପାରିଲେ ବି ପ୍ରତି ମାସରେ କିଛି ପ୍ରାପ୍ୟ ଦେବାକୁ ଚାହୁଁଛି । ଆଶା ଆପଣ ଗ୍ରହଣ କରିବେ !" ମୋର ବା ଆଉ କହିବାର କ'ଣ ଥିଲା ! ଜୀବନର ପ୍ରଥମ ରୋଜଗାର, ଗୋଟିଏ ମାଟିଆ ରଙ୍ଗର ଲଫାପା ଭିତରେ ଭରି ସେ ନିଜ ଅଜାଣତରେ ମୋ ଆଡ଼କୁ ଏକ ଅଦ୍ଭୁତ ଖୁସିରେ ବଢ଼େଇ ଦେଇଥିଲେ ଓ ମୁଁ ଖୁବ୍ ଆଗ୍ରହରେ ତାକୁ ଗ୍ରହଣ କରିନେଲି । ପଚାରିନି ମଧ୍ୟ କେତେ ଟଙ୍କା ଦେଉଛନ୍ତି । ମୋ ପରିଶ୍ରମର ମୂଲ୍ୟାଙ୍କନ ମୁଁ ବା କେମିତି କରିପାରିଥାନ୍ତି ହେଲେ ଖୁସି ଥିଲି ଖୁବ୍ । ଘରେ କେହି ବି ଚାହିଁ ନ ଥିଲେ ମୁଁ କେବେ କୌଣସି ଚାକିରି କି ରୋଜଗାର କରେ। ଏକ ଚିରାଚରିତ ପୁରୁଷତାନ୍ତ୍ରିକ ମାନସିକତାର ଅଭିଭାବକମାନେ ନିଜ ଝିଅର ଆତ୍ମନିର୍ଭରଶୀଳତାକୁ ବା ପସନ୍ଦ କରନ୍ତେ କିପରି? ପିଲାଟିଦିନରୁ ବୋଉର ମୁହଁ ସହ ଆଉ କିଛିକୁ ଯଦି ଯୋଡି ହୋଇ ଦେଖିଥାଏ ତେବେ ସେଇଟି ହେଉଛି ତା' ଦେହର ସମ୍ବଲପୁରୀ ଶାଢ଼ି । ତେଣୁ ମୋ ପ୍ରଥମ ଦରମାରେ ପ୍ରଥମେ ବୋଉ ପାଇଁ କିଣିଆଣିଲି ଗୋଟିଏ ନାଲି କୁମ୍ଭପକା ଘିଅରଙ୍ଗର ସମ୍ବଲପୁରୀ ମଠା, ମାତ୍ର ୮ଶହ ଟଙ୍କାରେ । ବୋଉ ସେଦିନ ଖୁବ୍ ଖୁସି ଥିଲା। ତା' ଆଖିରେ ପୂର୍ଣ୍ଣତାର ଲୁହକୁ ମୁଁ ଦେଖିବା ପୂର୍ବରୁ ସେ ତାକୁ ପୋଛି ନେଇଥିଲା ଆଉ ଏକ ଶାଢ଼ି କାନିରେ। ଖୁସି ଲୁଚାଇ ରାଗ ଦେଖେଇବା ତା'ର ପୁରୁଣା ଅଭ୍ୟାସ । ହାତରେ ମଠାଟିକୁ ଧରି ସେ ଯେମିତି ମୋତେ ଧମକେଇ ଥିଲା ଭାବିଲି ସେ ତାକୁ ଫୋପାଡ଼ି ଦେବ, ହେଲେ ମାର୍ଗଶିର ମାସର ଗୁରୁବାରଗୁଡ଼ିକ ପାଇଁ ସାଇତା ରହିଲା ସେ ମଠା। ମୁଣ୍ଡ ଉପରେ ନାଲିଧଡି ମଠାର ଓଢ଼ଣି ଥୋଇ ଯେବେ ସେ ମଥାରେ ସିନ୍ଦୂର ନାଉଥାଏ, ଲାଗେ ଲକ୍ଷ୍ମୀ ଠାକୁରାଣୀ ବିଜେ କରିଛନ୍ତି ମୋ ସାମ୍ନାରେ। ଏତେ ଯତ୍ନରେ ରଖିଥିବା ସେ ମଠା ଶେଷ ଯାଏ ତା' ସହ ରହିଥିଲା ଓ ତାକୁ ହିଁ ଘୋଡ଼େଇ ହୋଇ ସେ ଆମଠୁ ବିଦାୟ ନେଇଥିଲା । ମୋର ପ୍ରଥମ ରୋଜଗାର, କେବଳ ତା' ପାଇଁ ଓ ତା' ସହ ସବୁଦିନ ପାଇଁ ରହିଗଲା । ପରେ ପରେ ବହୁତ ରୋଜଗାର କରିଛି ସତ, ହେଲେ ସେ ପ୍ରଥମ ରୋଜଗାରର ଖୁସି ଅନନ୍ୟ । ତାହା ମୋ ଜୀବନର ଏକ ସୁଖଦ ପୂର୍ଣ୍ଣତା ।



ଲେଖିକା **ସୁଜାତା ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଚୋରା ଚାହାଣୀର ଭିତିରି କଥା, ଭାବନାରେ ଘୁରି ଯାଉଛି ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି କହିବେ କି ସାଥୀ ?

*–ପ୍ରମୋଦ, ବଡବିଲ*

**ଉତ୍ତରଃ** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି । ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ସେହି ସମୟରେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ**–ମୋ ସ୍ୱପ୍ନ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ହୁଏତ ସେ ତାକୁ ଗ୍ରହଣ କରି ନ ପାରେ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ଦିନେଶ କୁମାର, ଭୁବନେଶ୍ୱର*

**ଉତ୍ତରଃ** ଆପଣଙ୍କ ସ୍ୱପ୍ନ ସୁନ୍ଦରୀର ସେହି କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ଚୋରା ଚାହାଣୀର ଭିତିରି କଥା, ଭାବନାରେ ଘୁରି ଯାଉଛି ମଥା'। ଏବେ ମନକୁ ଥଣ୍ଡା କରି ଏକଥାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ ନ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ମୋ ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ଶୁଣିବାକୁ ପାଉଛି ଯେ ସେ ଏବେ ମୋର ସେହି ସାଙ୍ଗ ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ?

*–ଶଙ୍କର ଦାସ, କେନ୍ଦ୍ରାପଡା*

**ଉତ୍ତରଃ** ସାଙ୍ଗ କଥାରେ ପଡି ଯାହାକୁ ଭଲ ପାଇ ବସିଲେ, ତା' ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରିବାର ଥିଲା। କାରଣ ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଗଲା। ଯେଉଁ କଥା ଆପଣ ଶୁଣୁଛନ୍ତି ତାହା କେତେ ସତ ପ୍ରଥମେ ଜାଣନ୍ତୁ। ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେଇପାରେ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ**–ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

*–ମନୋଜ, ନୟାଗଡ*

**ଉତ୍ତରଃ** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।






**ପ୍ରାୟ ସମସ୍ତଙ୍କ ଘରେ ଥାଏ ଲ୍ୟାମ୍ପ। ବେଡ୍ ସାଇଡ୍ ଲ୍ୟାମ୍ପ, ଷ୍ଟଡି ଲ୍ୟାମ୍ପ ସହିତ ଆଜିକାଲି ବିଭିନ୍ନ ପ୍ରକାରର ଡେକୋରେଟିଭ ଲ୍ୟାମ୍ପ ବି ମିଳୁଛି। ତା'ସହ ଅନେକ ଅଜବ ଡିଜାଇନ୍‌ର ଲ୍ୟାମ୍ପ ବି ଅଛି, ଯାହା ଘରକୁ ଏକ ଭିନ୍ନ ଲୁକ୍ ଦେବ। ସେଇଭଳି କିଛି ଲ୍ୟାମ୍ପ ସମ୍ପର୍କରେ...**

# ଅଜବ ଲ୍ୟାମ୍ପ



**ରକ୍ ଏନ୍ ରୋଲ୍ ଲ୍ୟାମ୍ପ:** ଏହା ଦେଖିବାକୁ ତ୍ରିଭୁଜାକାର, ଯାହାର ଉପର ଭାଗ ମଣିଷର ହାତ ପରି। ଆଉ ଆଙ୍ଗୁଳିଗୁଡ଼ିକ ରକ୍ ଇନ୍ ମୁଦ୍ରାରେ ଥାଏ। ଏହାକୁ ଘରେ, ପବ୍ଲିକ୍ ଭେନ୍ୟୁରେ ସଜାଇବା ଲାଗି ବ୍ୟବହାର କରି ହେବ। କ୍ଲବ୍ ଓ ଓପନ ପାର୍କ ଏରିଆରେ ତ ଏହା ବହୁତ ସୁନ୍ଦର ଦେଖାଯାଏ। ଏହାକୁ ଡିଜାଇନ୍ କରିଛନ୍ତି ଡେନିସ୍ ପୋପେନକୋଭ୍।



**ପେଙ୍ଗୁଇନ୍ ଲ୍ୟାମ୍ପ:** ଏହି ଲ୍ୟାମ୍ପ ଦେଖିବାକୁ ବହୁତ କ୍ୟୁଟ୍। ପେଙ୍ଗୁଇନ୍ ପରି ଦେଖିବାକୁ ଏହି ଲ୍ୟାମ୍ପଗୁଡ଼ିକ ଯେବେ ଜଳେ ବହୁତ ଆକର୍ଷକ ଲାଗେ। ସେଭ୍ ଦି ପେଙ୍ଗୁଇନ୍ ଥିମ୍‌କୁ ନେଇ ଏହି ଲ୍ୟାମ୍ପ ତିଆରି କରିଛନ୍ତି ଡିଜାଇନର୍ ଆଲେକ୍ସ କୋଜିନେଟ୍ସ।


**ବୁକ୍ ରେଷ୍ଟ ଲ୍ୟାମ୍ପ:** ଶୋଇବା ପୂର୍ବରୁ ବେଡ୍‌ରେ ଯେଉଁମାନଙ୍କର ବହି ପଢ଼ିବା ଅଭ୍ୟାସ ଥାଏ ସେମାନଙ୍କୁ ଏହି ଲ୍ୟାମ୍ପ ନିଶ୍ଚିତଭାବେ ଭଲ ଲାଗିବ। ସେ ପରୀକଥା ହେଉବା ଭୂତ କାହାଣୀ ଏହି ଲ୍ୟାମ୍ପର ଶୀତଳ ଆଲୋକରେ ବେଶ୍ ଭଲଭାବେ ଓ ସୁନ୍ଦର ପରିବେଶରେ ପଢ଼ିବାର ମଜା ଉଠାଇପାରିବେ। ଆଉ ଏହାର ଡିଜାଇନ୍ ଏମିତି ହୋଇଛି ଯେ, ପଢ଼ି ପଢ଼ି ନିଦ ଆସିଲେ ଯେଉଁ ପୃଷ୍ଠାରୁ ପଢ଼ା ସରିଛି ବହିକୁ ସେହି ପୃଷ୍ଠାରେ ଲ୍ୟାମ୍ପ ଉପରେ ରଖି ପାରିବେ। ଯଦ୍ୱାରା ପଢୁଥିବା ପୃଷ୍ଠା ହଜିବ ନାହିଁ। ଏହାକୁ ଲି ସାଙ୍ଗ ଗିନ୍ ଡିଜାଇନ୍ କରିଛନ୍ତି।

**ମୁନ୍ ରକ୍ ଲ୍ୟାମ୍ପ:** ଦେଖିବାକୁ ପଥର ପରି। ହେଲେ ଏହା ଜଳେ ଓ ବହୁତ ଆକର୍ଷକ ଲାଗେ। ଇଟାଲୀର ରାଭେନାରେ ଏହାକୁ ହାତରେ ତିଆରି କରାଯାଇଥାଏ। ସାଧାରଣତଃ ଫାଇବର୍ ଗ୍ଲାସ ଉପରେ ନାଚୁରାଲ ଇଟାଲୀୟ ଷ୍ଟୋନ୍‌ର ଏକ ଲେୟର୍ ଏହି ଲ୍ୟାମ୍ପ ଉପରେ ହୋଇଥାଏ। ଏହା ଘରେ ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରେ।

**ନିମ୍ଫ ଲ୍ୟାମ୍ପ:** ଏହି ଲ୍ୟାମ୍ପ ଦେଖିବାକୁ ଏକ କୀଟ ପରି, ଯାହାକି ଚାଲିବା ପରି ମନେ ହୁଏ। ନ୍ୟୁୟର୍କସ୍ଥ ବ୍ରୁକଲିନ୍‌ର ସାଇଟ୍ ପେସିଫିକ ଡିଜାଇନ୍ ନାମକ ଇଣ୍ଟେରିୟର ଓ ଫର୍ନିଚର ଡିଜାଇନ୍ କମ୍ପାନୀ ଏହାକୁ ଡିଜାଇନ୍ କରିଛି। ଏହାର ମୂଲ୍ୟ ୨,୬୦୦ ଡଲାର ରହିଛି।

**ସ୍ନିକର୍ସ ଲ୍ୟାମ୍ପ:** ଏହି ଲ୍ୟାମ୍ପକୁ କ୍ଲାରା ଜୋଦିନ୍ ଡିଜାଇନ୍ କରିଛନ୍ତି। ଜୋତା ପରି ଦେଖିବାକୁ ଉକ୍ତ ଲ୍ୟାମ୍ପର ଇଲେକ୍ଟ୍ରି ତାରଗୁଡ଼ିକୁ ଏଭଳି କରାଯାଇଛି ଲାଗେ ସତେ ଯେମିତି ଏହା ଜୋତାର ସୁ' ଲେସ୍। ବିଦ୍ୟୁତ ସଂଯୋଗ ହେଲେ ଏହି ଜୋତାରେ ଲାଗିଥିବା ବଲ୍‌ବ ଜଳେ। ଆଉ ବେଶ୍ ସୁନ୍ଦର ଦେଖାଯାଏ।










**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଚା'

ସ୍ୱାମୀ: ଆଜିଠୁ ଚା' ଆମେ ପାଖ ଚା' ଦୋକାନରୁ ପିଇବା।
ସ୍ତ୍ରୀ: ମୁଁ ଚା' କରି କରି ଥକି ପଡୁଛି ବୋଲି ଏମିତି ନିଷ୍ପତ୍ତି ନେଇଛ ନା କ'ଣ?
ସ୍ୱାମୀ: ନା। ମୁଁ କପ୍ ଧୋଇ ଧୋଇ ଥକି ପଡ଼ିଲିଣି ସେଇଥିପାଇଁ।

## ଟାଇମ୍

ମାଲିକ ଚାକରକୁ: ଟାଇମ୍ କେତେ ହେଇଚି କହିଲୁ।
ଚାକର: ଆଜ୍ଞା, ମତେ ଟାଇମ୍ ଦେଖି ଆସେନା।
ମାଲିକ: ହଉ, ଖାଲି ଏତିକି କହ ବଡ଼ କଣ୍ଟା ଓ ସାନ କଣ୍ଟା କୋଉଠି ଅଛି?
ଚାକର: ଦୁଇଟା ଯାକ ଘଣ୍ଟା ଭିତରେ ଅଛି।
ମାଲିକ: ହେ, ଭଗବାନ!

## ସିଟ୍

ବସ୍‌ରେ ଜଣେ ଯୁବତୀ ଜଣେ ଯୁବକଙ୍କୁ: ପ୍ଲିଜ୍ ସିଟ୍ ମତେ ଦିଅନ୍ତୁ।
ଯୁବକ: କାହିଁକି ଦେବି?
ଯୁବତୀ: ଦେଖୁଛନ୍ତି ଜଣେ ସୁନ୍ଦର ଯୁବତୀ ନିଃସହାୟ ହୋଇ ଠିଆ ହେଇଛି, ତାକୁ ସିଟ୍ ଦେଇପାରିବେନି?
ଯୁବକ: ତମେ ମୋ ସହ ବିବାହ କରି ନିଅ।
ଯୁବତୀ: ପାଗଳ ନା କ'ଣ? କାହିଁକି ବାହା ହେବି?
ଯୁବକ: ଦେଖୁଛ ଜଣେ କୁଆଁରା ହ୍ୟାଣ୍ଡସମ୍ ଯୁବକ ଏକୁଟିଆ ବୁଲୁଛି। ତମେ ତାକୁ ବାହା ହେଇପାରିବନି? ବାହା ହେଇଗଲେ ତମେ ବି ଆଉ ନିଃସହାୟ ରହିବନି।





# ଦୀପାବଳିରେ ବୁଲାବୁଲି

**ଆ**ଲୋକର ପର୍ବ ଦୀପାବଳି। ଏହାକୁ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି ଦେଶବାସୀ। ଦୀପ ଜାଳି, ରଙ୍ଗୀନ ଆଲୋକମାଳରେ ଘର, ଦୁଆର, ରାସ୍ତାଘାଟ ସଜାଇବା ସହ ବନ୍ଧୁବାନ୍ଧବଙ୍କ ଗହଣରେ ଖୁସିରେ ଖୁସିରେ କେମିତି ଏହି ଶୁଭଦିନଟି ବିତିଯାଏ ଆଦୌ ଜଣାପଡେନି। ଅନ୍ୟପକ୍ଷେ କେହି କେହି ଏହି ଅବସରରେ ବାହାରକୁ କୁଆଡ଼େ ବୁଲିଯିବାକୁ ପ୍ଲାନିଂ ବି କରିଥାନ୍ତି। ଯଦି ଆପଣଙ୍କର ବି ଏମିତି କିଛି ପ୍ଲାନିଂ ରହିଥାଏ, ତା'ହେଲେ ଆସନ୍ତୁ ଜାଣିବା ଦେଶର କେଉଁ କେଉଁ ସ୍ଥାନକୁ ବୁଲିଗଲେ ଦୀପାବଳି ଛୁଟିର ଭରପୂର୍ ମଜା ଉଠାଇହେବ...

**✻ ବାରଣାସୀ:** ଉତ୍ତରପ୍ରଦେଶରେ ଥିବା ଏହି ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀଟି ଲୋକମୁଖରେ ବନାରସ ତଥା କାଶୀ ନାମରେ ବି ବେଶ୍ ପରିଚିତ। ଏହା ଦୁନିଆର ସବୁଠାରୁ ପ୍ରାଚୀନ ତଥା ସର୍ବଦା ପ୍ରଗତି ପଥରେ ଅଗ୍ରସର ହେଉଥିବା ଏକ ସହର ଭାବେ ମଧ୍ୟ ଜଣାଶୁଣା। ହିନ୍ଦୁ ଧର୍ମର ସବୁଠାରୁ ପବିତ୍ରତମ ସହର ଭାବେ ବି ଏହା ଖ୍ୟାତ। ଏହି ସହରକୁ ନେଇ ହିନ୍ଦୁ ଧର୍ମରେ ଏକ ମାନ୍ୟତା ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କର ଏଠାରେ ମୃତ୍ୟୁ ହୋଇଯାଏ କିମ୍ବା ଏଠାରେ କାହାର ଯଦି ଅନ୍ତିମ ସଂସ୍କାର କରାଯାଏ ; ତା'ହେଲେ ତାଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ। ତେବେ ଦୀପାବଳି ଅବସରରେ ଲକ୍ଷାଧିକ ଦୀପରେ ତଥା ରଙ୍ଗୀନ ଆଲୋକମାଳରେ ଏଠାକାର ପବିତ୍ର ଘାଟ ସଜାଯାଇଥିବାର ଦୃଶ୍ୟକୁ ଯିଏ ଦେଖିବେ ସିଏ କ୍ଷଣିକରେ ମନ୍ତ୍ରମୁଗ୍ଧ ହୋଇଯିବେ।

**✻ ଦିଲ୍ଲୀ:** ଉଭୟ ପ୍ରାଚୀନତା ତଥା ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳିଥାଏ ଏଠାରେ। ପର୍ଯ୍ୟଟନ ଦୃଷ୍ଟି କୋଣରୁ ଦେଖିଲେ, ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ବୁଲିବାର ଭରପୂର୍ ଆନନ୍ଦ ଉଠାଇ ହୋଇଥାଏ। ବିଶେଷ କରି ଦୀପାବଳି ପର୍ବ ଅବସରରେ ଏଠାକୁ ବୁଲିଗଲେ ମନ ମିଜାଜ୍ ଖୁସି ହୋଇଗଲା ପରି ଲାଗେ। କାରଣ  ଏହି ପର୍ବକୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ଦିଲ୍ଲୀ ସହର ରଙ୍ଗୀନ ଆଲୋକମାଳାରେ ସଜେଇ ହୋଇ ପଡିଥାଏ। ଏଥିସହିତ ସମସ୍ତଙ୍କ ଦୂଆର ଆଗରେ ରଙ୍ଗବେରଙ୍ଗର ରଙ୍ଗୋଲି ହୋଇଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ରାସ୍ତାରେ ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପେଟ ପୁରିଗଲା ଭଳି ଅନୁଭବ ହୁଏ। ସ୍ଥାନେ ସ୍ଥାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି କରାଯାଇଥାଏ ; ଯାହା ସ୍ଥାନୀୟ ଲୋକ ହୁଅନ୍ତୁ ବା ପର୍ଯ୍ୟଟକ ସମସ୍ତଙ୍କୁ ଖୁବ୍ ଆକର୍ଷିତ କରିଥାଏ।


**ଆଲୋକର ପର୍ବ ଦୀପାବଳିକୁ ଦେଶର ବିଭିନ୍ନ ସ୍ଥାନରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ତେବେ ଦୀପାବଳି ଛୁଟିର ଭରପୂର୍ ଆନନ୍ଦ ନେବା ପାଇଁ କେଉଁ ସ୍ଥାନକୁ ବୁଲିଗଲେ ଠିକ୍ ହେବ ଜାଣନ୍ତୁ ସେ ସମ୍ପର୍କରେ...**



**✻ କଲିକତା:** ନିଜର ବିବିଧତା, ବିଶେଷତା, ସାହିତ୍ୟ, ସଂସ୍କୃତି ବ୍ୟତିତ ପର୍ବପର୍ବାଣି କ୍ଷେତ୍ରରେ ବି କଲିକତା ସବୁବେଳେ ଖାସ୍ ରହିଆସିଛି। ଦଶହରା ହେଉ ଅବା ଦୀପାବଳି ପର୍ବକୁ ବେଶ୍ ଆନନ୍ଦଉତ୍ସାହର ସହ ପାଳିଥାନ୍ତି ଏଠାକାର ବାସିନ୍ଦା। ଦୀପ ଜାଳି, ରଙ୍ଗୀନ ଆଲୋକମାଳରେ ଘରଦ୍ୱାର ସଜାଇ, ବନ୍ଧୁବାନ୍ଧବଙ୍କ ସହ ମଜାମଜ୍‌ଲିସ୍‌ରେ ଏଠାକାର ଲୋକେ ଏତେ ମଜ୍ଜି ଯାଇଥାନ୍ତି ଯେ, ପାର୍ବଣର ଋତୁ ଏଠାରେ ଆହୁରି ରଙ୍ଗୀନ ହୋଇ ଉଠେ। ସେହିପରି ଏଠାକୁ ବୁଲି ଆସୁଥିବା ଆଗନ୍ତୁକ ବି ଏଠାରେ ଦୀପାବଳିର ଭରପୂର ମଜା ନେବା ସହ ଏଠାରେ ଥିବା ଅନେକ ମାତା କାଳୀଙ୍କର ମନ୍ଦିର ବୁଲିବାର ଆନନ୍ଦ ଲଭିଥାନ୍ତି।

**✻ ଜୟପୁର:** 'ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଏହି ସହରଟିରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହା ରାଜସ୍ଥାନର ରାଜଧାନୀ ଭାବେ ବି ପ୍ରସିଦ୍ଧ। ହିନ୍ଦୁ ବାସ୍ତୁକଳାର ଅନେକ ନିଚ୍ଛକ ଉଦାହରଣ ଏହି ସହରରେ ହିଁ ଦେଖିବାକୁ ମିଳେ। ଦୀପାବଳି ଅବସରରେ ଏହି ସହର ଏତେ ଆକର୍ଷଣୀୟ ଭାବେ ସଜେଇ ହୋଇଥାଏ ଯେ, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିବା ଅସମ୍ଭବ। ତା'ସହିତ ଆଗନ୍ତୁକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଛୋଟ ବଡ଼ ମେଳାର ବି ଆୟୋଜନ କରାଯାଇଥାଏ ଏହି ସମୟରେ। ସାଧାରଣରେ କହିବାକୁ ଗଲେ ଜୟପୁର ବୁଲିବାର ପ୍ରକୃତ ମଜା ସେତେବେଳେ ଆସେ ଯେବେ ଦୀପାବଳି ଅବସରରେ ଛୁଟି କଟାଇବାର ସୁଯୋଗ ଏଠାରେ ମିଳେ।

ତେବେ କେବଳ ଏହିସବୁ ସ୍ଥାନ ନୁହେଁ, ଅମୃତସର, ଶିବକାଶୀ, ଗୁଜରାଟ, ଗୋଆରେ ବି ଦୀପାବଳିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଇଥାଏ ; ଯେଉଁଠାକୁ ପର୍ଯ୍ୟଟକ ବୁଲିଯାଇ ଦୀପାବଳିର ନିଆରା ଅନୁଭୂତି ସାଉଁଟି ପାରିବେ।





# ଦୀପ ମାହାତ୍ମ୍ୟ







**ହି**ନ୍ଦୁ ଧର୍ମରେ ଦୀପର ବହୁତ ମାହାତ୍ମ୍ୟ ରହିଛି । ଋକ ବେଦରେ କୁହାଯାଇଛି ଯେ, ଦୀପରେ ଦେବତାଙ୍କ ତେଜ ରହିଥାଏ । ସେଥିପାଇଁ ଦୀପ ପ୍ରଜ୍ୱଳନ କଲେ ସକାରାତ୍ମକ ଊର୍ଜା ସଞ୍ଚାର ହୁଏ ବୋଲି ବିଶ୍ୱାସ ରହିଛି । ତ୍ରେତୟା ଯୁଗରେ ଶ୍ରୀରାମ ଚନ୍ଦ୍ର ବନବାସ କାଟି ରାବଣଙ୍କୁ ବଧ କରି ସୀତା ମା'ଙ୍କ ସହ ଅଯୋଧ୍ୟା ଫେରିବାବେଳେ ଓ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନରକାସୁର ରାକ୍ଷସକୁ ବଧ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅଗ୍ନି ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ଦେବୀ ପୁରାଣ ସହ ଉପନିଷଦ ଓ ବେଦରେ ଗାଈ ଘିଅ ଅବା ତିଳ ତେଲରେ ଦୀପ ଜଳାଇବାର ବିଧାନ ରହିଥିବା ଉଲ୍ଲେଖ ରହିଛି । ବୈଦିକ କାଳରେ ହେଉଥିବା ସୋମଯଜ୍ଞରେ 'ତମସୋ ମା ଜ୍ୟୋତିର୍ଗମୟ' ମନ୍ତ୍ର ପଢାଯାଉଥିଲା, ଯାହାକି ବୃହଦାରଣ୍ୟକୋପନିଷଦର ମନ୍ତ୍ର ଅଟେ । ଆଉ ଏହାର ଅର୍ଥ ହେଉଛି ମତେ ଅନ୍ଧକାରରୁ ପ୍ରକାଶ ଆଡକୁ ନିଅନ୍ତୁ । ଦୀପର ଜ୍ୟୋତିର୍ମୟ ଶିଖାକୁ ଜ୍ଞାନର ପ୍ରତୀକ ଭାବେ ମଧ୍ୟ ଗଣନା କରାଯାଏ ।

**ପଞ୍ଚ ତତ୍ତ୍ୱର ପ୍ରତୀକ ହେଉଛି ମାଟି ଦୀପ:** ମାଟି ଦୀପ ପଞ୍ଚ ତତ୍ତ୍ୱର ପ୍ରତୀକ । ମାଟିକୁ ପାଣିରେ ବତୁରାଇ ଚକଟି ଦୀପ ପ୍ରସ୍ତୁତ କରାଯାଇଥାଏ । ତେଣୁ ଏହା ଭୂମି ତତ୍ତ୍ୱ ଓ ଜଳ ତତ୍ତ୍ୱର ପ୍ରତୀକ ଅଟେ । ଏହାକୁ ତିଆରି କରାଯିବା ପରେ ଖରା ଓ ପବନରେ ସୁଖାଯାଇଥାଏ । ତେଣୁ ଏହାକୁ ଆକାଶ ତତ୍ତ୍ୱ ଓ ବାୟୁ ତତ୍ତ୍ୱର ପ୍ରତୀକ ବି ଧରାଯାଏ । ପରେ ଏହାକୁ ନିଆଁରେ ପୋଡା ଯାଇଥାଏ । ତେଣୁ ଏହା ଅଗ୍ନି ତତ୍ତ୍ୱର ପ୍ରତୀକ ବି ।

**ପ୍ରଦୀପ ପ୍ରଜ୍ୱଳନର ଉପକାର:** କୁହାଯାଏ ମନୁଷ୍ୟ ଶରୀରରେ ୭ଟି ଊର୍ଜା ଚକ୍ର ଥାଏ । ଘିଅ ଦୀପ ଜାଳିଲେ ଏହି ଚକ୍ର ସବୁ ଜାଗ୍ରତ ହୋଇ ଶରୀରରେ ନୂଆ ଊର୍ଜା ସଞ୍ଚାର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଘିଅରେ ଏକ ସୁନ୍ଦର ସୁଗନ୍ଧ ଥାଏ, ଯାହା ଜଳିବା ସ୍ଥାନରେ ଅନେକ ସମୟ ଯାଏ ରହେ ଓ ସେହି ସ୍ଥାନ ସୁଦ୍ଧ କରେ । ଯଦ୍ୱାରା ଅନେକ ରୋଗରୁ ରକ୍ଷା ମିଳେ । ତେବେ ଯଦି ଘିଅ ଦୀପରେ ଲବଙ୍ଗ ପକାଇ ଜଳାଯାଏ ଏଥିରୁ ନିର୍ଗତ ଧୁଆଁ ଘର ପାଇଁ ପ୍ୟୁରିଫାୟରର କାମ କରିଥାଏ । ଯାହା ଚର୍ମ ରୋଗରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଯଦି ତିଳ ତେଲରେ ଦୀପ ଜଳାଯାଏ ଏହା ଶରୀରର ମୂଳାଧାର ଏବଂ ସ୍ୱାଧିଷ୍ଠାନ ଚକ୍ରକୁ ଏକ ସୀମା ପର୍ଯ୍ୟନ୍ତ ଜାଗ୍ରତ କରିବାର କାମ କରିଥାଏ । ଅଗ୍ନି ପୁରାଣ ଅନୁସାରେ ସୂର୍ଯ୍ୟାସ୍ତ ପରେ ମୁଖ୍ୟଦ୍ୱାର ନିକଟରେ ଦୀପ ଲଗାଇଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଖଣ୍ଡିତ ଦୀପ ଲଗାଇବା ଠିକ୍ ନୁହେଁ ।

ହିନ୍ଦୁ ଧର୍ମରେ ଦୀପର ବହୁତ ମାହାତ୍ମ୍ୟ ରହିଛି । ଋକ ବେଦରେ କୁହାଯାଇଛି ଯେ, ଦୀପରେ ଦେବତାଙ୍କ ତେଜ ରହିଥାଏ । ସେଥିପାଇଁ ଦୀପ ପ୍ରଜ୍ୱଳନ କଲେ ସକାରାତ୍ମକ ଊର୍ଜା ସଞ୍ଚାର ହୁଏ ବୋଲି ବିଶ୍ୱାସ ରହିଛି...

# ସୁଖନିଦ୍ରା ପାଇଁ ତକିଆ





**ଆ**ଜିକାଲିର ବ୍ୟସ୍ତବହୁଳ ଦୁନିଆରେ ଦେଖାଯାଉଛି ଲୋକମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି । ଆଉ ଏବେକାର ସବୁଠୁ ବଡ଼ ସମସ୍ୟା ହେଉଛି ନିଦ୍ରାହିନତା ତଥା ସୁନିଦ୍ରା ନ ହେବା । ଖାସ୍ ଏହି ସମସ୍ୟାକୁ ନଜରରେ ରଖି ତିଆରି କରାଯାଇଛି ଏକ ସ୍ୱତନ୍ତ୍ର ତକିଆ, ଯାହାର ନାଁ ହେଉଛି 'ସୋମନକ୍ସ' । ଏହା ଏକପ୍ରକାରର ରୋବୋଟିକ୍ ତକିଆ । ଏହାକୁ ଭଲ ନିଦ ହେବା ଲାଗି ଡିଜାଇନ୍ କରାଯାଇଛି । ଏହାକୁ ଜାବୁଡିକି ଧରି ଶୋଇବାକୁ ହୁଏ । ଶୋଇବାବେଳେ ଏଥିରୁ ପ୍ରକୃତିର ଏକ ସୁନ୍ଦର ସୁଦିଂ ସାଉଣ୍ଡ ବାହାରିଥାଏ । ତା'ସହ ଏଥିରୁ ଶ୍ୱାସକ୍ରିୟା ହେବା ପରି ଶବ୍ଦ ବି ଆସେ । ଫଳରେ ଲାଗିବ କୌଣସି ବ୍ୟକ୍ତିଙ୍କୁ ଆପଣ ଧରିକି ଶୋଇଛନ୍ତି । ଆଉ ଭଲ ନିଦ ହେବ ।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଅତିଥି ନାରାୟଣ..

ଚଇତନ ବାବୁ ପତ୍ନୀ ଚପଳାଙ୍କୁ କାନେ କାନେ କହିଥିଲେ -ସରୁ ବାସେନା ଅରୁଆ ଚାଉଳରେ ଅନ୍ନଟାଏ କରିବ । ମୁଣ୍ଡପିଛା ଶହେଗ୍ରାମ୍ ହିସାବରେ ହରଡ଼ ଡାଲିରେ ଆଳୁ, ଦେଶୀଆଳୁ, କାଙ୍କଡ଼, ପୋଟଳ, କଞ୍ଚାକଦଳୀ ଛଡ଼ା ଅନ୍ୟ ପାଣିଚିଆ ପରିବା ନ ପକେଇ ନଡ଼ିଆ କୋରିକି, ଅଦା ଛେଚିକି ଦେଇ ବଡ଼ି, ନାଡ଼ି ମିଶ୍ରଣରେ ବଡ଼ିଆମାର୍ଗେ ବାଡ଼ିଆ ଡାଲମାଟାଏ ଗୁଆଘିଅ ଛୁଙ୍କଦେଇ କରିବ । ତା'ସାଙ୍ଗକୁ ବଡ଼ ବଡ଼ ବାଇଗଣ ଚକା ଚକା କାଟି ବେସନ ଗୋଳେଇ ଛାଣିବ । ମନ୍ଦିରରେ ଭୋଗ ଲାଗିଲା ଭଳିଆ ଝଡ଼ା ବେସରଟାଏ କରିବ । ପାଟିକି ସୁଆଦ ଲାଗିଲାଭଳି ଖଟା ମିଠା ଖଜୁରି -ଟମାଟୋ ଖଟେଇ.. ଇତ୍ୟାଦି ସାଥିରେ ପାମ୍ପଡ଼, ସାଲାଡ୍ ରାନ୍ଧିକି ରଖିବ । ମୁଁ ଶୀଘ୍ର ଅଫିସ୍‌ରୁ ମଧ୍ୟାହ୍ନରେ ଫେରିଲେ ନୂଆ ଅତିଥି ମଉସା ସହ ମିଶିକି ଖାଇବା। କାରଣ ସକାଳୁ ଆସିଥିବା ଅତିଥି ତୁଚ୍ଛା ଚୁଡାରେ ଚର୍ଚ୍ଚା ହୋଇଛନ୍ତି ତ! ଭଲଲାଗୁନି । ପତ୍ନୀ ଲମ୍ବା ହଁ ଟାଏ ମାରିବାରୁ ଚଇତନ ବାବୁ ଚାଲିଗଲେ ।

ବାବୁ ମଧ୍ୟାହ୍ନରେ ଆସି ଯାହା ଦେଖିଲେ, ରାଗରେ ଗର ଗର ଗୁଡ଼ାଏ ହେଲେ । ସବୁ ପାଣିଚିଆ ପରିବା.. ଲାଉ, ଭଣ୍ଡା, ପାଣିକଖାରୁ, ବାଇଗଣ ପକେଇ ଢଙ୍କ ସର ସର ତୁଣ! ବଗଡ଼ା ଭାତ!

ଚଇତନ ବାବୁଙ୍କୁ ପତ୍ନୀ ଚପଳା ଘର ଭିତରକୁ ଭିଡ଼ିନେଇ ଚୁପ୍ କରେଇ କହିଲେ.. ଯାହା ମୁଁ କରିଛି, ଆଚ୍ଛା କରିଛି, ଭଲ କରିଛି । ବୁଝିଲ ! ହଇହେ, ଆମେ ଯଦି ଅତିଥିଙ୍କୁ ଭଲ ସୁଆଦିଆ ଡାଲମା, ନ' ତିଅଣ ଛ' ଭଜା ଖୁଆଇବା, ତେବେ ସିଏ କ'ଣ ଆଉ ଏ ଘର ଛାଡ଼ି ଯିବେ ? ଏମିତି ଅଲଣା, ପାଣିଆ, ଦରସିଝା ଖାନା ଖାଇଲେ ବଳେ ଦିନ ଦିଟା'ରେ ଆପଣା ବାଟରେ ପଳେଇବେ।

ବିଚରା ବାବୁ, ଚପଳା କଥାରେ ଚକିତହୋଇ ଅତିଥିଙ୍କ ଚର୍ଚ୍ଚାକଥା ଭାବୁଥିଲେ--ଆହାରେ.. କି ଯୁଗ ହେଲାରେ ! ପିଲାବେଳ କଥା ମନେପଡୁଛି -- କେହି ଅତିଥି ବନ୍ଧୁ ଘରକୁ ଆସିଲେ, କେମିତି ତାଙ୍କୁ ବାଧକରି ଦି' ଦିନ ଜାଗାରେ ଆଠ ଆଠ ଦିନ ରଖାଉଥିଲୁ । ବାପା-ବୋଉ ବନ୍ଧୁଙ୍କ ଚପଲ, ଲୁଗା ଲୁଚେଇ ଅଧିକ ଦିନ ରହିବାକୁ ବାଧକରି ଅଟକାଉଥିଲେ। ତାଙ୍କ ଚର୍ଚ୍ଚା, ସେବାକରି ଖୁସି ହେଉଥିଲେ । ଆମକୁ ବୁଝାଉଥିଲେ --ଅତିଥି ହେଉଛନ୍ତି ନାରାୟଣ । ଅଥଚ ଏବେର ଅତିଥିଙ୍କ ଆଗମନ ଦୁଃଖର କାରଣ ! ଆରେ ସିଏତ ଖାଲିହାତରେ ଆସିନାହାନ୍ତି ନା । ସକାଳୁ ଗୋଟେ ପାଞ୍ଚ-ଛ' କିଲିଆ ବାଡ଼ିତୋଳା ପାକଳ କଖାରୁ ଧରିକି ଆସିଛନ୍ତି । ଆସୁଆସୁ ସେଇ କଖାରୁ ମହିମା ସମ୍ପର୍କରେ ଗୁଡ଼ାଏ କହି ତିନି ତିନିଥର ମୋ ହାତକୁ ବଢ଼େଇ ରଖୁଥାନ୍ତି! ତାଙ୍କ ପରି ଅତିଥିଙ୍କୁ ପୁଣି ପାଣିଚିଆ ତୁଣରେ ଚର୍ଚ୍ଚା ? ହଉ, ଅଧିକ ଯୁକ୍ତିତର୍କ ଚପଳାଙ୍କ ସହ ନ କରି ଚୁପ୍ ରହିଲେ ।

ଅତିଥି -ଅଚ୍ୟୁତ ମଉସାଙ୍କର ବୃଦ୍ଧାବସ୍ଥା । ସଂସାରରେ ତାଙ୍କର ପିଲା -ମାଇପ ବୋଲି କେହିନାହିଁ । କୋଉ ଛୋଟ ମୋଟ କମ୍ପାନୀରେ ଚାକିରି କରି ଯାହା ଅରଜୁଥିଲେ, ତା 'ଠୁ ବେଶି ଖରଚ କରୁଥିଲେ.. ଭୋଜି-ଭାତ, ସାଙ୍ଗ-ସୁଖ, ବୁଲାବୁଲି, ମଉଜ ମଜଲିସ୍‌ରେ । ଅୟସିଆ ଜୀବନ ଅଭ୍ୟାସ ଦୋଷରୁ ଅଭାବ ପଡୁଥିବାରୁ ବହୁ ପରିଚିତ ଲୋକଙ୍କଠାରୁ ଗୁଡ଼ାଏ ଧାର କରଜ କରି, ଆଉ ଶୁଝିବାର ସୁଯୋଗ ନ ଥିବାରୁ କୋଉଠି ଯାଇ ଆତ୍ମଗୋପନ ତଥା ଅନ୍ନ ସଂସ୍ଥାନ କରିବେ ଭାବୁ ଭାବୁ -ଏଇ ଲେଖାଯୋଖା ସହରୀ ସରକାରୀ ଚାକିରିଆ ପୁତୁରା କଥା ମନେପଡିବାରୁ ଧାଇଁଆସିଛନ୍ତି, ସବୁଦିନ ରହିଯିବାର ଯୋଜନା ସେ କରିଛନ୍ତି, -- ଏ କଥା ବା ଏଇ ଦମ୍ପତି ଜାଣନ୍ତେ କେମିତି ? ତେଣୁ ଅସୁଆଦିଆ ପାଣିଚିଆ ଖାଦ୍ୟ ପରଷା ଓ ଅବହେଳିତ ଅତିଥିଚର୍ଚ୍ଚା ସତ୍ତ୍ୱେ ଫେରିବା ନା' ନ ଧରି ଆଠଦିନ ଉପରେ ରହିଲେଣି । ସେ ଠିକ୍ ଧର୍ମମାସ କାର୍ତ୍ତିକ ସୋମବାର ଦେଖି ଆସିଥିଲେ । ମନେ ମନେ ଭାବିଥିଲେ -ଏଇଠି ଏଇ ଲେଖାଯୋଖା ପୁତୁରା ଘରେ ଦୀପାବଳି ପାଳି ତାଙ୍କ କାଉଁରିଆ କାଠିରେ ବଡ଼ବଡୁଆଙ୍କୁ ଡାକି କାମ ସାରିଦେବେ । ମାତ୍ର ଏତେଦିନ ରହିବା ଦେଖି ଚୁପ୍‌ଚାପ୍ ଥିବା ଚପଳାଙ୍କ କ୍ରୋଧ -ଅଶାନ୍ତି ଆଉ ହୃଦୟରେ ଚାପିହୋଇ ନ ରହି ଗଲା ରାତିରେ ପଦାକୁ ବାହାରିଲା । ଶୋଇବା ଘର ଦୁଆର ଆଚ୍ଛାକରି କିଳିଦେଇ, ପତି ପରମେଶ୍ୱରଙ୍କୁ ବହେ ଗାଳିଦେଇ ପଚାରିଲେ... ହଇ ହୋ ! ତମର ଏ ବୁଢ଼ା ଅତିଥି ଯିବେ କେବେ ? ମୋର ବେଳକୁ ବେଳ ଭାରି ଅସୁବିଧା ହେଲାଣି । ମୋ ସ୍ୱାଧୀନତା ହଜିଗଲାଣି । ବୁଲାବୁଲି.. ପୂରା



ନିଇଲି । ଏକୁଟିଆ ତାଙ୍କୁ ଘରେ ଛାଡ଼ି, ବାହାରକୁ କୁଆଡ଼େ ଯାଇପାରୁନି । ତାଙ୍କ ପାଇଁ ଆମର ଅଯଥା ଖର୍ଚ୍ଚ ବଢୁଛି । ଦି ଦିନ ତଳେ ମୋ ମାମ୍ପୀ -ଡ଼ାଙ୍କୀ ଆସିବାକୁ ଫୋନ୍ କରିଥିଲେ । ଏଇ ମଉସା ପାଇଁ ତାଙ୍କୁ ଆସିବାକୁ ସିଧା ମନା କରିଦେଲି । ମଉସାଙ୍କ ହାବଭାବ ମତେ ମୋଟେ ଭଲଲାଗୁନି । ତିନି ଓଳି ଗିଳି, ପେଟକୁ ଟୁମାକରି ଅଜୀର୍ଣ୍ଣିଆ ଦୋଷରୁ ଦିନସାରା ଟୁଁ ଟାଁ - ଭୁଁ ଭାଁ, ଚଡ଼ଚଡ଼ି ମାରିଲା ଭଳିଆ କେତେ ପ୍ରକାରିଆ ଶବ୍ଦ -ଗନ୍ଧରେ ତଳବାୟୁ ବିସ୍ଫୋରଣ, ଏମିତି ଢଙ୍ଗରେ କରୁଛନ୍ତି ଯେ, ମୋ ଗର୍ଭଧାରଣ କାଳରେ ଉଠାଉଥିବା ଅଇ ଠୁ ଆହୁରି ମାରାତ୍ମକ ବାନ୍ତି ହେଲାଣି । ତା' ଛଡ଼ା ସାରାଦିନ ଖଟରେ ଶୋଇ ଟିଭି ଚଳେଇ ନିଜ ପସନ୍ଦର ଚାନେଲ ଖାଲି ଦେଖୁଥିବାରୁ, ମୁଁ ଟିକେ ବି କୋଉ ସିରିୟଲ ଦେଖିପାରୁନି । ଦିନରେ ହାଇ ସାଉଣ୍ଡକୁ ନିଦରେ ଘଡ଼ଘଡ଼ି ମାରିଲା ଭଳିଆ ଘୁଙ୍ଗୁଡି ଶବ୍ଦରେ ମୋ ସୁଖନିଦ୍ରାରେ ବ୍ୟାଘାତ ହେଉଥିବାରୁ ଚବିଶଘଣ୍ଟା ମୁଣ୍ଡବିନ୍ଧାକୁ ଆହୁରି ବଢ଼େଇଦେଉଛି ତାଙ୍କ ଦୁର୍ଗନ୍ଧ ବାୟୁ ବିସ୍ଫୋରଣ । ସାରାଦିନ ବାନ୍ତିକରି ଶାନ୍ତିରେ ଟିକେ ଖାଇପାରୁନି କି ଶୋଇପାରୁନି । ତେଣୁ ଭଲରେ ଭଲରେ କହିଦେଉଛି--ତମେ ସେ ବୁଢ଼ା ଅତିଥି ନାରାୟଣଙ୍କୁ ଯୋଉଠି ରଖୁଛ ରଖ କି ତମେ ତାଙ୍କ ପାଖରେ ଯାଇ ଶୁଅ --ମୋର ମନା ନାହିଁ । ହେଲେ କାଲି ସକାଳୁ ମତେ ମୋ ବାପଘରକୁ ଯିବାର ବ୍ୟବସ୍ଥା କରିଦିଅ । ନାହିଁ ତ ଅତିଥିଙ୍କୁ ଘରୁ ତଡ଼ିବାର ବନ୍ଦୋବସ୍ତ କର । ନଇଲେ ମୋ ଅସଲ ରୂପ ଦେଖିବ !

ଚଇତନ ବାବୁଙ୍କ ଚେତା ପଶିଲା -- ଆଉ ସେକାଳ ପଖାଳ ନାହିଁ । ଏବେ ଘର ହାଣ୍ଡିଶାଳ ପଖାଳ ସହରୀ ଢାବା କି ବଡ଼ ଷ୍ଟାର ହୋଟେଲରେ ଚଢ଼ା ଦାମ୍‌ରେ ମିଳିଲାଣି । ସେଇ ନ୍ୟାୟରେ 'ମୁଁ ମୋର.. ଆଉସବୁ ପର' ଏଇ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋ ପତ୍ନୀ ଗ୍ରାମାଞ୍ଚଳ ଆମ ଯୌଥ ପରିବାରକୁ ପଦାଘାତକରି ବିବାହ ପରେ ଚଞ୍ଚଳ ମୋ ସହିତ ଆସି ସହରାଞ୍ଚଳରେ କେବେଠୁ ଅବସ୍ଥାନ କରୁଛନ୍ତି । ସବୁକଥା ଚିନ୍ତାକରି ଚଇତନ ବାବୁ ବୁଝେଇଲେ --ଦେଖ ପ୍ରାଣପ୍ରିୟେ, ମୁଁ ଏମିତି ସେମିତି ପତି ନୁହେଁ,- ଯିଏ ପତ୍ନୀଙ୍କ ପିତୃଆଳୟ ଗମନକଥା ଶ୍ରବଣକରି ଅନ୍ତରରେ ଆନନ୍ଦିତ ହୋଇ ମୁହଁରେ ଯାଆନି କହିବ । ମୁଁ ଏକନିଷ୍ଠ ପତ୍ନୀ-ବ୍ରତଧାରୀ ଭାବରେ ସୁବିଚାର କରି କିଛିଗୋଟେ କାଲି କରିବି । ତୁମେ ଏବେ ନିଶ୍ଚିନ୍ତ ମନରେ ନିଦ୍ରାଯାଅ ।

ପରଦିନ ପ୍ରଭାତରୁ ଉଠି ଚପଳାଦେବୀ ଅତିଥି ଆଣିଥିବା କଖାରୁକୁ କାଟି ଅଲଣା ଶିଝେଇ ବାଟିକି ତାଟିଆରେ ତାଟିଏ ବାଢ଼ି ଅତିଥିଙ୍କ ଭୋଜନ ପାଇଁ ଦେଉଦେଉ କହିଲେ --ମଉସା ! ସେଦିନ ଆପଣ ଆଣିଥିବା କଖାରୁର ମଧୁର ମହିମା ଶୁଣି ମୋ ମନହେଲା ସୁଆଦିଆ ଆଇଟମ୍ ରାନ୍ଧି ଖୁଆଇବି । ହେଲେ ମତେ ତ ରୋଷେଇ ଆସେନି । କ'ଣ ହେଇଥିବ କେଜାଣି ? ହେଲେ ମଉସା ! ଆପଣ ଗାଁକୁ କେବେ ଯିବେ ?

---ଏଁ.. କାହିଁକି ମୋ ଯିବାକଥା ପଚାରୁଛ ମା' ?

---ନାଇଁ, ସେ କଥା କ'ଣ କି, ମୋତେ ତ ରାନ୍ଧିବା ଜଣାନାହିଁ । ମୋ ରନ୍ଧା ଅସୁଆଦିଆ ଖାଦ୍ୟ ଖାଇ ଆପଣ ବହୁତ ଶୁଖିଗଲେଣି । ଅଲଣା, ଦରସିଝା, ପାଣିଚିଆ ଖାଇ, ତୁଣ୍ଡଖୋଲିସିନା କହୁନାହାନ୍ତି, ହେଲେ ମୁଁ କ'ଣ ଜାଣିପାରୁନି ?

--ନା' ନା 'ମା । ସେମିତି କହନା । ତୋ ରନ୍ଧା ଭାରି ସୁଆଦ । ତମରି ସ୍ନେହ ଆଦର ପାଇ ମୁଁ ସବୁ ସାଙ୍ଗସୁଖ, ଗାଁ ସମ୍ପର୍କ ଭୁଲିଗଲିଣି । ତା'ଛଡ଼ା ମୋର ସ୍ତ୍ରୀ, ପିଲାଛୁଆ ନ ଥିବାରୁ ଚାକିରି କାଳରେ ପାଇଥିବା ଗୁଡ଼ାଏ ଟଙ୍କା ସଞ୍ଚୟକରି ରଖିଛି । ଗଲାମାସରେ ପରା ଅଠର ଲକ୍ଷ ଉଠେଇ ଡବଲ ମାନେ ଛତିଶିଲକ୍ଷ ଟଙ୍କା ପାଇବି ବୋଲି ଫିକ୍ସ ଡିପୋଜିଟ କରିଦେଲି । କ'ଣ ହେବ ମୋର ଏତେଗୁଡାଏ ଟଙ୍କା ? କିଏ ଆଉ ଅଛି ମୋର ? କାଲି ଏଇକଥା ଭାବୁଭାବୁ ତମରି କଥା ତ ମନେପଡିଲା.. ଉ.. ।

ଏତିକି ଶୁଣିଲାପରେ ତୁଚ୍ଛା କଖାରୁସିଝା ତାଟିଆକୁ ମଉସାଙ୍କ ପାଖରୁ ଉଠେଇ ନେଇ ରୋଷେଇଘରକୁ ଯାଉ ଯାଉ, ଚଇତନ ବାବୁ ବାଥ୍‌ରୁମ୍‌ରୁ ଆସି ଫ୍ରେଶ୍‌ହୋଇ ଡ୍ରେସ୍ ପିନ୍ଧି ମଉସାଙ୍କ ଘରକୁ ଯାଉଥିବାବେଳେ ଚପଳା ତାଙ୍କୁ ଭିଡ଼ିଆଣି ପଚାରିଲେ.. କୁଆଡ଼େ ଯାଉଛ ? ପତି ପତ୍ନୀଙ୍କି କହିଲେ କାଲି ରାତିରେ ଗୋଟେ ଭଲ ଉପାୟ ଚିନ୍ତାକରିଛି । ମଶାଙ୍କୁ ତଡ଼ିବାକୁ ଯେମିତି ମଶାଧୂଆଁ, ଠିକ୍ ସେମିତିକା ମଉସାଙ୍କୁ ତଡ଼ିବାକୁ ଦେଖ ମୋ କିମିଆଁ..। ଚପଳା କହିଲେ -ହେ! ତମେ ଏମିତି କ'ଣ କହୁଛ ? ସିଏ ପରା ଆମ ଅତିଥି -ନାରାୟଣ ! ଏ କଥା ଶୁଣି ଚଇତନ ବାବୁ କହିଲେ.. ଏଁ.. ? କାଲି ଯିଏ ଗନ୍ଧାଉଥିଲେ ଭଣ ଭଣ... ଆଜି ସେ ନାରାୟଣ ? ଏ ରହସ୍ୟ କ'ଣ ? ପତ୍ନୀ-ଚପଳା କହିଲେ ତମେ ବୁଝିପାରିବନି । ପାହାନ୍ତିଆ ସପନରେ ପ୍ରଭୁ ସପନରେ ଦର୍ଶନଦେଇ କହିଲେ... ଅତିଥିସେବା ଗୃହସ୍ଥର ପରମ ଧର୍ମ । ସେଇଆ କଲେ ଆମର ମଙ୍ଗଳ ହେବ... ଢେର୍ ଲାଭ ମିଳିବ । ଦେଖିବ, ଆଜିଠୁ ଅତିଥିଙ୍କ ସାଙ୍ଗରେ ତମେ ବି ଖାଇବ --ବାଡ଼ିଆ ଡାଲମା, ଝଡ଼ା ବେସର ସୁଆଦିଆ ଖାଦ୍ୟ ।

*-ମଙ୍ଗରାଜ ପୁର, ପୁରୀ ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଶ୍ରମଣାର ଶୋଷ

**ଦେବଜାନୀ ରାୟ, ପ୍ରକାଶକ-ଏଥେନା ବୁକ୍ସ, ଭୁବନେଶ୍ୱର-୨**
**ମୂଲ୍ୟ-୨୦୦ଟଙ୍କା**

'ଶ୍ରମଣାର ଶୋଷ' ଦେବଜାନୀ ରାୟଙ୍କ କବିତା ପୁସ୍ତକ । ଏଥିରେ ୭୪ଟି କବିତା ସ୍ଥାନ ପାଇଛି । କବୀଙ୍କ ବିଷାଦ ବିଭୂତିରେ ଶ୍ରମଣା ବିହ୍ୱଳ ହୋଇଛି । ଯେତେବେଳେ ବିଷାଦିତ ହୋଇଛି, ସେତେବେଳେ ନିମଗ୍ନ ହୋଇଛି ସର୍ଜ୍ଜନାରେ ଓ ସୂକ୍ଷ୍ମାନୁଭବର ପରିପ୍ରକାଶରେ । ଲେଖିକାଙ୍କ ଚାରିପଟରେ ଘଟୁଥିବା ଘଟଣାକୁ ନେଇ ଗୁନ୍ଥିଛନ୍ତି ହାର । ଯାହା ବିଚିତ୍ରବର୍ଣ୍ଣା । ମଣିଷର ଛାତି ଭିତରେ ଥାକ ଥାକ ଶୂନ୍ୟତା, ସେ ଶୂନ୍ୟତାକୁ ଘେରି ରହିଥାଏ ବିଷାଦ ଓ ଏକାକୀତ୍ୱର ବଳୟ । ବିଷାଦ ହିଁ ଅନୁଭବର ମଞ୍ଜି । ଅନ୍ତର୍ଜୀବନକୁ ଅନୁଭବ ସମ୍ପନ୍ନ କରିବା ପାଇଁ ସ୍ରଷ୍ଟାଟିଏ ବିଷାଦକୁ ସାହସର ସହିତ ଆମନ୍ତ୍ରଣ କରି ବେଦନା ବିଧୂରିତ ଜୀବନଟିଏ ଜୀଇଁଥାଏ ଅନାସକ୍ତ ଭାବରେ । ସେଥିରୁ ଝରିଆସେ ଆବେଗଦୃପ୍ତ ସର୍ଜ୍ଜନଶୀଳାତାର କବିତା । ଲେଖିକା ଖୁବ୍ ସୁନ୍ଦର ଭାବେ ସେଗୁଡିକୁ ପାଠକଙ୍କୁ ଭେଟି ଦେଇଛନ୍ତି ।




### ୩୬୫ ସାଇଲୀଳା

**ସଂକଳକ-ଶୋଭାକର ଦାସ ଫତେସିଂହ, ପ୍ରକାଶକ- ଶିଶୁ କଲମ, ବି/୯ ସହୀଦନଗର, ଭୁବନେଶ୍ୱର-୭,ମୂଲ୍ୟ-୩୦୦ଟଙ୍କା**

'୩୬୫ ସାଇଲୀଳା'ରେ ୪ଟି ଅଧ୍ୟାୟ ରହିଛି। ପୁସ୍ତକରେ ଶିରିଡି ସାଇବାବାଙ୍କ ବିଷୟରେ ସାଇ ଭକ୍ତ ତଥା ସାଇ ପ୍ରେମୀଙ୍କୁ ବାବାଙ୍କ ପ୍ରତ୍ୟେକ୍ଷ ସମ୍ପର୍କରେ ଆସିଥିବା ବିଭିନ୍ନ ଭକ୍ତମାନଙ୍କର ନିଜସ୍ୱ ଅନୁଭୂତି ସମ୍ପର୍କରେ ଅବଗତ କରାଇବା ପୁସ୍ତକର ମୁଖ୍ୟ ଉଦ୍ଦେଶ୍ୟ । ସାଇବାବାଙ୍କ ବ୍ୟବହାର, ଆଚରଣ, ଉଚ୍ଚାରଣ ଓ ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ଓ ସଂହତି ସ୍ଥାପନର ପ୍ରଚେଷ୍ଟା ପାଠକ ପୁସ୍ତକରୁ ଅବଗତ ହୋଇ ପାରିବେ। ପୁସ୍ତକର ଶେଷାଂଶରେ ସେହି ସମୟର କେତେକ ମହାତ୍ମାଙ୍କ ବିଷୟରେ କିଛି କିଛି ଜ୍ଞାତବ୍ୟ ତଥ୍ୟ ପାଠକଙ୍କ ଅବଗତ ନିମନ୍ତେ ଦିଆଯାଇଛି। ପୁସ୍ତକରେ ବାବାଙ୍କ ଉପରେ ଅନେକ ତଥ୍ୟ ଦିଆଯାଇଛି। ଯାହା ପାଠକଙ୍କୁ ବାବାଙ୍କ ମହିମା ସମ୍ପର୍କରେ ଅଧିକ ଅବଗତ କରାଇବ।




### ସିଂହାସନ

**ଲେଖକ- ଡକ୍ଟର ଅକ୍ଷୟ କୁମାର ମହାନ୍ତି**
**ପ୍ରକାଶକ- କିତାବ ଭବନ, ଆଇ.ଆର.ସି.ଭିଲେଜ**
**ନୟାପଲ୍ଲୀ, ଭୁବନେଶ୍ୱର-୧୫, ମୂଲ୍ୟ-୪୫୦ଟଙ୍କା**

'ସିଂହାସନ' ଅକ୍ଷୟ କୁମାର ମହାନ୍ତିଙ୍କ ଉପନ୍ୟାସ। ଏଥିରେ ୫୮ଟି ପରିଚ୍ଛଦ ରହିଛି । ମହାଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଚରିତ୍ରଗୁଡିକର କର୍ତ୍ତବ୍ୟ ଆଦିରେ ଥିବା ପୌରାଣିକ ତଥ୍ୟ ସହିତ ସାମାଜିକ ରୀତି ନୀତି ଓ ନୈତିକ ମୂଲ୍ୟବୋଧ ଆଦିକୁ ପୁସ୍ତକରେ ଗୁରୁତ୍ୱ ଦିଆଯାଇଛି। ଆତ୍ମ ବଡିମା ଦେଖାଉଥିବା ବ୍ୟକ୍ତିଙ୍କୁ ଯଥା ସମ୍ଭବ ଠିକ୍ ବାଟକୁ ଆଣିବାରେ ଏଥିରେ ଅନେକ ମାର୍ଗଦର୍ଶନ ଦିଆଯାଇଛି । ପୁସ୍ତକଟି ଶ୍ରୀକୃଷ୍ଣଙ୍କ ଲୀଳା ବା ତାଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ଉପଦେଶ ଯାହା ମନୁଷ୍ୟକୁ ଦୈନନ୍ଦିନ ଜୀବନରେ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ। ପୌରାଣିକ ଚରିତ୍ର ଓ କଥାବସ୍ତୁ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି।



ବ୍ୟାକ୍ ପେଜ୍

# ଛୋଟ ବାକ୍ସ ଭିତରେ ତିନିଜଣ

ଏମିତି କିଛି ମଣିଷ ଅଛନ୍ତି ଯେଉଁମାନେ କି ନିଜ ଶରୀରକୁ ଏଭଳିଭାବେ ପରିବର୍ତ୍ତନ କରିପାରିଛନ୍ତି ଯେ, ସେମାନେ ସାଧାରଣ ମଣିଷଠାରୁ ବେଶ୍ ଭିନ୍ନ ଲାଗନ୍ତି। ଆଉ ବେଳେବେଳେ ତ ସେମାନେ ଏଇ ପୃଥିବୀର ନୁହନ୍ତି ଭଳି ମନେ ହୁଅନ୍ତି। ଏଇ ଯେମିତି ନ୍ୟୁଜିଲାଣ୍ଡର ସ୍କାଇ ବ୍ରୋବର୍ଗ, ନେଲେ ସିଜେନ୍ ଓ ଜୋଲା ସିଜେନ୍। ଏଇ ତିନିଜଣ ନିଜ ଶରୀରକୁ ଏଭଳି ଫ୍ଲେକ୍ସିବଲ୍ କରିଦେଇଛନ୍ତି ଯେ, ଏମାନେ ନିଜ ଶରୀରକୁ ମୋଡି ମାଡି ଛୋଟ ବାକ୍ସ ଭିତରେ ରଖିପାରନ୍ତି। ସେପୁଣି ବାକ୍ସ ଭିତରେ ଜଣେ ନୁହେଁ ବରଂ ଏକାଥରେ ତିନିଜଣ ରହିପାରନ୍ତି। ବିଶ୍ୱାସ ନ ହେଲେ ବି ଏହା ସତ। ୬୬.୦୪ x ୬୮.୫୮ x ୫୫.୮୮ ସେ.ମି.ର ଏକ ବାକ୍ସ ଭିତରେ ଏହି ତିନିଜଣ ୬ ମିନିଟ ୧୩.୫୨ ସେକେଣ୍ଡ ରହି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି।







# ଗ୍ରାଜୁଏଟ୍ ବିଲେଇ

ଜାଣନ୍ତି କି ଆଜିକାଲି ମଣିଷଙ୍କ ସହ ପ୍ରାଣୀମାନେ ବି ପାଠ ପଢିଲେଣି। ସୁକି ନାମକ ଏକ ବିଲେଇ ତ ଟେକ୍ସାସ୍ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏଟ୍ ହୋଇଛି। ବିଶ୍ୱାସ ହେଉନି କି ? ତେବେ କଥାଟି ସମ୍ପୂର୍ଣ୍ଣ ସତ। କଥା କ'ଣ କି ସୁକିର ମାଲିକାଣୀ ଫ୍ରାନ୍ସେସ୍କା ବୁରଡିୟର୍ ୨୦୨୨ର ସ୍ପ୍ରିଙ୍ଗ କ୍ଲାସ୍‌ଗୁଡିକ ଅନ୍‌ଲାଇନ୍‌ରେ କରୁଥିଲେ। ଆଉ ଏହିସବୁ କ୍ଲାସ କରିବାବେଳେ ତାଙ୍କ ପୋଷା ବିଲେଇ ସୁକି ସବୁବେଳେ ପାଖରେ ରହୁଥିଲା। ଏମିତି କୌଣସି କ୍ଲାସ୍ ନ ଥିଲା ଯେଉଁଥିରେ ସୁକି ଉପସ୍ଥିତ ନ ଥିଲା। ଆଉ ସବୁ କ୍ଲାସ୍‌କୁ ସେ ମନଧ୍ୟାନ ଦେଇ ଶୁଣୁଥିଲା। ତେଣୁ ଫ୍ରାନ୍ସେସ୍କା ଯେବେ ଗ୍ରାଜୁଏସନ୍ କମ୍ପ୍ଲିଟ୍ କଲେ ଓ ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏସନ୍ ସେଲିବ୍ରେସନ୍ ହେଲା ସେତେବେଳେ ସେ ସୁକିକୁ ବି ସାଙ୍ଗରେ ନେଇକି ଯାଇଥିଲେ। ତା'ସହ ତା'ପାଇଁ ଗ୍ରାଜୁଏଟ୍ ଟୋପି ଓ ଗାଉନ୍ ନେଇଥିଲେ, ଯାହାକୁ କି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ସୁକିକୁ ପିନ୍ଧାଇ ଦେଇଥିଲେ। ଆଉ ସୁକି ସହ ଅନେକ ଫଟୋ ସୁଟ୍ କରାଇଥିଲେ। ପରେ ସେ ଯେବେ ଏହି ଫଟୋଗୁଡିକୁ ସୋସିଆଲ ମିଡ଼ିଆରେ ଶେୟାର କଲେ ସମସ୍ତେ ବହୁତ ପସନ୍ଦ କରିଥିଲେ।



# ପ୍ଲାଷ୍ଟିକ ଖାଉଥିବା ରୋବୋ ଫିଶ୍

ପ୍ଲାଷ୍ଟିକ ଆବର୍ଜନା ଦିନକୁ ଦିନ ସମସ୍ୟା ବଢାଇବାରେ ଲାଗିଛି। ସ୍ଥଳଭାଗ ସହ ଜଳଭାଗକୁ ବି ଏହା ଦୁଷିତ କରୁଛି। ଏହି ସମସ୍ୟାକୁ ନଜରରେ ରଖି ଏଲିଏନର୍ ମାକିନଟସ୍ ନାମକ ଜଣେ ଛାତ୍ର ତିଆରି କରିଛନ୍ତି ଥ୍ରୀଡି ପ୍ରିଣ୍ଟ କରାଯାଇପାରୁଥିବା ଏକ ରୋବୋ ଫିଶ୍। ଏହି ରୋବୋ ଫିଶ୍‌ର ବିଶେଷତ୍ୱ ହେଉଛି ଯେ, ଏହା ପାଣିରେ ଭାସିବା ସହ ପାଣିରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍‌କୁ ନିଜର ସ୍ୱତନ୍ତ୍ର ଗାଲିସି ସାହାଯ୍ୟରେ ଟାଣିନିଏ। ଆଉ ପାଣିକୁ ବିଶୁଦ୍ଧ କରେ। ତେଣୁ ଏହାକୁ ପ୍ଲାଷ୍ଟିକ ଖାଉଥିବା ମାଛ ବି କୁହାଯାଏ। ଏହି ମାଛ ଜଳରେ ପ୍ଲାଷ୍ଟିକ ପ୍ରଦୁଷଣକୁ ରୋକିବାରେ ବିଶେଷ ସହାୟକ ହୋଇପାରେ। ତେଣୁ ଏହାର ଡିଜାଇନ୍‌କୁ ଓପନ୍ ସୋର୍ସ କରାଯାଇଛି। ଯଦ୍ୱାରା ଯେକେହି ଏହାକୁ ମାଗଣାରେ ଡାଉନ୍‌ଲୋଡ କରି ନିଜର ଏକ ଥ୍ରୀଡି ମାଛ କରିପାରିବେ। ଆଉ ପରିବେଶକୁ ପ୍ଲାଷ୍ଟିକ୍ ପ୍ରଦୁଷଣରୁ ମୁକ୍ତ କରିବାରେ ସାହାଯ୍ୟ କରିପାରିବେ।

